ଧରିତ୍ରୀ
DHARITRI
December 24-30, 2023 ₹ 2/-
ଧରିତ୍ରୀ DHARITRI 50 Years

ଛୁଟିଦିନ

# ଡିସେମ୍ବର ୨୫

ପ୍ରଚ୍ଛଦ ପ୍ରସଙ୍ଗ

୩

ଡିସେମ୍ବର ୨୫କୁ ପ୍ରଭୁ ଯିଶୁଙ୍କର ଧରାବତରଣ ଦିନଭାବେ ସାରା ବିଶ୍ୱରେ ବେଶ୍ ଧୁମ୍ ଧାମ୍‌ରେ ପାଳନ କରାଯାଏ। ତେବେ ଇତିହାସ ପୃଷ୍ଠା ଓଲଟାଇ ଦେଖିଲେ, ଏମିତି ବି କିଛି ରୋଚକ ଘଟଣା ସାମ୍ନାକୁ ଆସେ; ଯାହା ଖାସ୍ ଏହି ଡିସେମ୍ବର ୨୫ରେ ହିଁ ଘଟିଥିଲା। ସେଥିମଧ୍ୟରୁ କିଛି ଘଟଣା ଦୁଃଖଦ ହୋଇଥିବାବେଳେ କିଛି ଘଟଣା ଥିଲା ବେଶ୍ ମନଛୁଆଁ...



# ସୁଖ-ସମୃଦ୍ଧି ବୃଦ୍ଧି ପାଇଁ

**ଘରେ ସୁଖ-ସମୃଦ୍ଧି ବୃଦ୍ଧି ସହ ଶାନ୍ତି ବଜାୟ ରଖିବା ପାଇଁ ବାସ୍ତୁଶାସ୍ତ୍ରର କିଛିଟା ନିୟମ ମାନିବା ଜରୁରୀ ଯେମିତି କି:**

✲ ପ୍ରତିଦିନ ସକାଳେ ତୁଳସୀ ଚଉରା ମୂଳରେ ଜଳ ଅର୍ପଣ କରିବା ସହ ସନ୍ଧ୍ୟା ସମୟରେ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଯେଉଁ ବ୍ୟକ୍ତି ଏହିସବୁ କାମ କରିଥାନ୍ତି ତାଙ୍କ ପାଖରେ ଧନର ଅଭାବ କେବେ ବି ଦେଖାଯାଏ



ନାହିଁ। ଆଉ ତାଙ୍କ ଜୀବନ ସୁଖମୟ ହୋଇଥାଏ।

✲ ଘରର ଉତ୍ତର-ପୂର୍ବ କୋଣରେ କୁବେର ଯନ୍ତ୍ର ସ୍ଥାପନା କରିବା ଖୁବ୍ ମଙ୍ଗଳକାରୀ ହୋଇଥାଏ। ବାସ୍ତୁଶାସ୍ତ୍ର ମତରେ, ଘରେ କୁବେର ଯନ୍ତ୍ର ରହିଲେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ଘରକୁ ସକାରାତ୍ମକ ଉର୍ଜା ଆସିଥାଏ। ତେବେ ବାସ୍ତୁର ଏହି ନିୟମ ମାନିବା ସହ ଟଙ୍କାପଇସା ଖର୍ଚ୍ଚ ପ୍ରତି ଟିକେ ଯତ୍ନବାନ ହେବା ବି ଜରୁରୀ।

✲ ଘରର ଦରିଦ୍ରତା ଦୂର କରିବା ପାଇଁ ପ୍ରତିଦିନ ଘରର ଉତ୍ତର-ପୂର୍ବ କୋଣରେ ଗଙ୍ଗାଜଳ ଛିଞ୍ଚିବା ଶୁଭ ହୋଇଥାଏ। ମାନ୍ୟତା ରହିଛି ଯେ, ଏପରି କଲେ ଘରେ ସକାରାତ୍ମକ ଉର୍ଜା ବଢ଼ିବା ସହିତ ଆର୍ଥିକ ସ୍ଥିତି ବି ଦୃଢ଼ ହୁଏ।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଆଲମାରି ହେଉ ଅବା ଟ୍ରେଜେରି ରଖିଲେ ଧନ-ସମ୍ପତ୍ତି ବଢ଼ିବା ସହ ବ୍ୟକ୍ତି ଆର୍ଥିକ ଦୃଷ୍ଟିରୁ ସୁଖୀ ଓ ସମ୍ପନ୍ନ ହୋଇଥାନ୍ତି।

✲ଘରର ଉତ୍ତର-ପୂର୍ବ ଦିଗରେ କୌଣସି ଓଜନଦାର୍ ଫର୍ନିଚର କିମ୍ବା ଜୋତା, ଚପଲ ର୍ୟାକ୍ ରଖିବା ଠିକ୍ ନୁହେଁ। ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୪-୩୦

**ମେଷ**
ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ସମ୍ପର୍କୀୟମାନଙ୍କ ସହ ମିତ୍ରତା, ବନ୍ଧୁଙ୍କ ପାଇଁ ମନ ଛଟପଟ, ମାନସିକ ଅବସାଦ ଦେଖାଦେବ, ଭ୍ରାତୃସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ବାଣିଜ୍ୟର ଅଭିବୃଦ୍ଧି, ରାଜନୈତିକ ସଫଳତା, ତୀର୍ଥଟନର ସୁଯୋଗ ॥

**ବୃଷ**
ଅର୍ଥ ସଂଗ୍ରହରେ ସଫଳତା, ଭ୍ରମଣରେ କାର୍ଯ୍ୟସିଦ୍ଧି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପ୍ରତିବନ୍ଧକ ଦୂରେଇଯିବ, ପଦୋନ୍ନତିର ସୂଚନା ପାଇବେ, ଧାରକରଜ କରିପାରନ୍ତି, ସମସ୍ୟା ସମାଧାନ ॥

**ମିଥୁନ**
ବିବାଦୀୟ ପରିସ୍ଥିତି, ଭବିଷ୍ୟନିଧି ପାଣ୍ଠିରୁ ଋଣ କରିପାରନ୍ତି, ଦୂରଯାତ୍ରାର ଯୋଜନା, ଲୋକସମ୍ପର୍କ ବୃଦ୍ଧି, ଶାରୀରିକ କ୍ଲାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଅତିଥି ସେବା, ବାଣିଜ୍ୟରେ କ୍ଷତିର ଆଶଙ୍କା, ପଡୋଶୀଙ୍କ ପ୍ରତାରଣା ॥

**କର୍କଟ**
ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥସଙ୍କଟ ହୋଇପାରେ, ତୀର୍ଥଟନର ସୁଯୋଗ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚସ୍ତରରୁ ସମ୍ମାନ, ବାଦବିବାଦର ସମାଧାନ, ପରିସ୍ଥିତି ହାଲୁକା ହେବ ॥

**ସିଂହ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ମନୋରଞ୍ଜନରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣା ଲାଭରୁ ଉପକୃତ ହେବେ, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, କ୍ରନିକ୍ ରୋଗର ସମସ୍ୟା, ଜମାରାଶି ପାଇବେ, ଧର୍ମକାର୍ଯ୍ୟ କରିବେ, ନୂତନ ମିତ୍ରତା ସୃଷ୍ଟି ॥

**କନ୍ୟା**
ଶାରୀରିକ ସୁସ୍ଥତା, ବୈଷୟିକ ଅଭିବୃଦ୍ଧି, ପଡୋଶୀଙ୍କ ସହଯୋଗ, ଯୋଗାଣ କାରବାରରେ ଉନ୍ନତି, କାର୍ଯ୍ୟରେ ସଫଳତା, ଥଣ୍ଡାଜନିତ ରୋଗ, ଦୁଃସାହାସିକ ପଦକ୍ଷେପ, ବିଭିନ୍ନସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ଦ୍ୱନ୍ଦ୍ୱର ଅବସାନ ॥

**ତୁଳା**
ବନ୍ଧୁମିଳନ ଘଟିବ, ଭ୍ରମଣ ସୁଯୋଗ ଜୁଟିବ, ଦୂରଯାତ୍ରାରେ ବିପଦ ଆଶଙ୍କା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟୟବରାଦ କରିବେ, ଯାନବାହାନରେ ତ୍ରୁଟି, ଜମିଜମା ବିବାଦ, ସନ୍ତାନଙ୍କ ଗୌରବ, ପ୍ରଶାସନିକ ସଫଳତା ॥

**ବିଛା**
ସାହିତ୍ୟାନୁରାଗୀ ହେବେ, ନିଜ ପରିସରରେ ପ୍ରତିଷ୍ଠା ଲାଭ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ନିର୍ମାଣାଧୀନ କାର୍ଯ୍ୟରେ ସମସ୍ୟା, ନିଃସଙ୍ଗତାବୋଧ କରିପାରନ୍ତି, ବନ୍ଧୁପ୍ରସ୍ତାବ ସ୍ଥିରୀକୃତ ହେବ, ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ, ପରିବାରରୁ ସହଯୋଗ ॥

**ଧନୁ**
କର୍ମକ୍ଷେତ୍ରରେ ସମାଲୋଚନା, ଅଧସ୍ତନଙ୍କ ବେଖାତିର, ସାମ୍ବାଦିକତାରୁ ଗୌରବ, ସଭାସମତିକୁ ନିମନ୍ତ୍ରଣ, ନୂତନସମ୍ପର୍କ ସୃଷ୍ଟି, ସମସ୍ୟା ସମାଧାନ, ଶତ୍ରୁ ଉପଦ୍ରବ କମିବ, ରାଜନୀତିରେ ପ୍ରତିଷ୍ଠା, ବ୍ୟବସାୟିକ ସଫଳତା ॥

**ମକର**
ନୂଆ ଯୋଜନା କରିବେ, ଋଣଗ୍ରସ୍ତ ହୋଇପାରନ୍ତି, ପଡୋଶୀଙ୍କ ପରାମର୍ଶ, ଯାନବାହନ କ୍ରୟ, ନିର୍ମାଣରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଶୁଭଖବର ପାଇବେ, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, ଅମୂଳକ ଆଶଙ୍କା, ରୋଗପୀଡା କମିବ, ଆଇନ ସହାୟତାପ୍ରାପ୍ତି ॥

**କୁମ୍ଭ**
ନୂତନ କର୍ମାରମ୍ଭ, ମିତ୍ରବନ୍ଧୁ ଜୁଟିବେ, ଅନୁକୂଳ ପରିବେଶ ସୃଷ୍ଟି, ତର୍କ ବିବାଦ ବଢ଼ିପାରେ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଧର୍ମକାର୍ଯ୍ୟ କରିବେ, ଆର୍ଥିକ ଦୁରବସ୍ଥା, ପ୍ରତିବେଶୀଙ୍କ ଉଦରତା, ମନୋରଞ୍ଜନର ସୁଯୋଗ ॥

**ମୀନ**
ନିଯୁକ୍ତି ସୁଯୋଗପ୍ରାପ୍ତି, ବନ୍ଧୁବର୍ଗଙ୍କ ପ୍ରଶଂସା, ଭ୍ରାତୃସମ୍ପର୍କରେ ଉନ୍ନତି, ପାରିବାରିକ ଶାନ୍ତି, ସନ୍ତାନଙ୍କ ଗୌରବ, କ୍ରନିକ ରୋଗରେ ପୀଡା, ବ୍ୟବସାୟରେ ପ୍ରତିବନ୍ଧକ, ଧର୍ମକାର୍ଯ୍ୟରେ ବାଧା, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, ପ୍ରତିକୂଳତା ବଢିବ, ବୁଝାମଣା ଠିକ୍ ରହିବ ॥

# କିଙ୍ଗ୍ ଅଫ୍ ସ୍ପାଇସେସ୍

ବଦଳୁଥିବା ପାଣିପାଗ ସହିତ ତାଳଦେଇ କାଢ଼ା ତିଆରି କରିବା ହେଉ ଅବା ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଗୋଲମରିଚକୁ ଭିନ୍ନ ଭିନ୍ନ ତରିକାରେ ଆମେ ବ୍ୟବହାର କରିଥାଉ। ତେବେ ଗୋଲମରିଚ କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ତାହା ନୁହେଁ, ଏହାର ସେବନ କଲେ ଅନେକ ରୋଗରୁ ବି ରକ୍ଷା ମିଳିଥାଏ। କାରଣ ଏଥିରେ ଭରି ରହିଛି ଅନେକ ଗୁଣକାରୀ ତତ୍ତ୍ୱ। କୁହାଯାଏ, ପ୍ରତିଦିନ ଏଥିରୁ କିଛି କିଛି ଖାଇଲେ ଶରୀରର ଓଜନ ହ୍ରାସ ହେବା ସହ ପାଚନ ତନ୍ତ୍ର ତଥା ରୋଗପ୍ରତିରୋଧକ ଶକ୍ତି ମଜଭୁତ ହୋଇଥାଏ। କେବଳ ସେତିକି ନୁହେଁ, ଶୀତଦିନେ ଏହାର କାଢ଼ା ପିଇଲେ ଥଣ୍ଡା, କାଶରୁ ଅନେକାଂଶରେ ଉପଶମ ମିଳିଥାଏ। ଯଦି ବହୁଦିନ ଧରି ଥଣ୍ଡା କାଶ ଲାଗି ରହିଛି, ତା'ହେଲେ ୧୫ ଦିନ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଗୋଲମରିଚ ବଢ଼ାଇ ପୁଣି ୧୫ ଦିନ ପରେ ଗୋଟିଏ ଗୋଟିଏ ଗୋଲମରିଚ କମାଇ ନିୟମିତ ଖାଇଲେ ରୋଗୀଙ୍କୁ ଅନେକ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ, ନିୟମିତ



ଗୋଲମରିଚ ଖାଇଲେ ଗଣ୍ଠି ଫୁଲିବା ଓ ଗଣ୍ଠି ଦରଜରୁ ବି ଉପଶମ ମିଳେ। ତେଣୁ ଗୋଲମରିଚର ସ୍ୱାସ୍ଥ୍ୟ ପାଇଁ ଥିବା ଏତେ ସବୁ ଉପକାରିତାକୁ ଲକ୍ଷ୍ୟ କରି ଏହାକୁ କିଙ୍ଗ୍ ଅଫ୍ ସ୍ପାଇସେସ୍ ବୋଲି ବି କୁହାଯାଇଥାଏ।

# ପାଠକୀୟ

✲ ଦିନେ ଓଡ଼ିଶାର ନାଟ୍ୟପ୍ରେମୀ ଓ ନାଟ୍ୟ ଅଭିନେତାଙ୍କର ପ୍ରାଣ ହୋଇ ରହିଥିବା ଅନ୍ନପୂର୍ଣ୍ଣା ଥିଏଟରର ଆରମ୍ଭ ଓ ଏବେ ଯାଏର ଯାତ୍ରାକୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅନ୍ନପୂର୍ଣ୍ଣା ଥିଏଟର କାଲି ଓ ଆଜି' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ଓ୍ୱିଣ୍ଡ ଚାଇମ୍ ପାଇଁ ବାସ୍ତୁ', 'ଶୀତ ପାଇଁ ମହୌଷଧି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସର୍ମିଷ୍ଠା ସାହୁ, ନାଲ୍କୋ ନଗର, ଅନୁଗୋଳ*

✲ ଆଜକୁ ପ୍ରାୟ ୯୦ ବର୍ଷ ତଳେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ପ୍ରାଣ କହିଲେ ଯାହାକୁ ବୁଝାଯାଉଥିଲା ସେ ହେଲା ଅନ୍ନପୂର୍ଣ୍ଣା ଥିଏଟର। ଯାହାର ମୂଳଦୁଆ ପଡ଼ିଥିଲା ଅଭିବ୍ୟକ୍ତ ପୁରୀ ଜିଲାର ବାଣପୁର ଅଞ୍ଚଳର ଏକ ଛୋଟ ଗାଁରେ; ଯାହା ଏବେ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅଧୀନ ଖଣ୍ଡୁଆଳକୋଟ ଗାଁ ଭାବେ ପରିଚିତ। ଏହାକୁ ଅନ୍ନପୂର୍ଣ୍ଣା ଥିଏଟରର ଅନ୍ତୁଡ଼ିଶାଳ ବୋଲି ବି କୁହାଯାଏ। ଏତେ ବର୍ଷ ଭିତରେ ଏହି ଅନ୍ନପୂର୍ଣ୍ଣା ଥିଏଟରର କ'ଣ ସବୁ ପରିବର୍ତ୍ତନ ହୋଇଛି, ତାହାକୁ ନେଇ ପ୍ରସ୍ତୁତି କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅନ୍ନପୂର୍ଣ୍ଣା ଥିଏଟରର କାଲି ଓ ଆଜି' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। 'ପିନ୍ଧିଲେ ଲାଗିବ ନିଆରା' ପାଠଟି ସତରେ ବେଶ୍ ନିଆରା ଥିଲା।

*– ସନ୍ଧ୍ୟାରାଣୀ ପ୍ରଧାନ, ସିଡିଏ, କଟକ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ନାରୀ ଜାଗରଣ, ନିଶା ନିବାରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ କଲ୍ୟାଣ ଇତ୍ୟାଦି ଉପରେ କାର୍ଯ୍ୟକରି ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ତୁଳସୀ ମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଭରସା' ଶୀର୍ଷକ ଗପଟି ମନ କିଣିନେଲା। ସେହିପରି ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା।

*– କାଜଲ ସ୍ୱାଇଁ, ମୟୂରଭଞ୍ଜ*

✲ କବି, ଶିକ୍ଷୟିତ୍ରୀ ଲତିକା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। ସାଥୀ ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଲେଦର ଜ୍ୟାକେଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ 'ଆର୍ଲିନ ଅଙ୍କିତା' ବେଶ୍ ସୁନ୍ଦରୀ ଲାଗୁଥିଲେ।

*– ଲିଜାଲିନ୍ ମହାନ୍ତି, ସୁବାସ ବୋଷ ଛକ, ପୁରୀ*

✲ ପକ୍ଷୀପ୍ରେମୀଙ୍କ ସ୍ୱର୍ଗ ନଳ ସରୋବର ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା। 'ପାହାଡ଼ିଆ ରାସ୍ତା ଅଙ୍କାବଙ୍କା କାହିଁକି' ତାହା ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା। 'ମାନବ ଡୋମିନୋସ୍' ପାଠଟି ବି ବେଶ୍ ଅଜବ ଥିଲା। ସେହିପରି ବ୍ୟଙ୍ଗ 'ବିଜ୍ଞାନ ବିସମ୍ବାଦ'ଟି ମନଛୁଆଁ ହୋଇପାରିଥିଲା।

*– ସୁରେଶ ପଟ୍ଟନାୟକ, ଗଞ୍ଜାମ*

## ବିଶେଷ ଚିଠି



ଅନ୍ନପୂର୍ଣ୍ଣା ଥିଏଟର କାଲି ଓ ଆଜି
ଥିଲା ଏକ ନିଆରା ଆଲେଖ୍ୟ,
କରିଥିଲା କିମିଆ ସଭିଙ୍କୁ
ଦେଉଥିଲା ନୂଆ ନୂଆ ତଥ୍ୟ।
ସିନେମା ପୃଷ୍ଠା ବି ଲାଗୁଥିଲା ଚମତ୍କାର
ତା'ସାଙ୍ଗକୁ ଥିଲା ପୁଣି ପ୍ରଥମ ରୋଜଗାର,
ସାଥୀର ଉତ୍ତର ମଧ୍ୟ କରୁଥିଲା ମତୁଆଲା
ସେଥିପାଇଁ ଛୁଟିଦିନ ତୁମକୁ ଏ ମନ ଝୁରିଲା।

*– ପୁଷ୍ପାଞ୍ଜଳି ମିଶ୍ର, ମାଟିତୋଟା, ପୁରୀ*

ଧରିତ୍ରୀ ଛୁଟିଦିନ    ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# ଡିସେମ୍ବର ୨୫

**ଡିସେମ୍ବର ୨୫। ଏହି ଶୁଭ ଦିବସରେ ପ୍ରଭୁ ଯିଶୁଙ୍କର ଧରାବତରଣ ହୋଇଥିବାର ବିଶ୍ୱାସ ରହିଛି; ସେଥିପାଇଁ ବିଶ୍ୱବାସୀ ଏହି ଦିନକୁ ବଡ଼ଦିନ ବା ଖ୍ରୀଷ୍ଟମାସ ଭାବେ ପାଳନ କରିଥାନ୍ତି। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇ ଦେଖିଲେ, ଏମିତି କିଛି ରୋଚକ ଘଟଣା ସାମ୍ନାକୁ ଆସେ; ଯାହାକି ଖାସ୍ ଏହି ଡିସେମ୍ବର ୨୫ ତାରିଖରେ ହିଁ ଘଟିଥିଲା। ସେଥିମଧ୍ୟରୁ କିଛି ଘଟଣା ଦୁଃଖଦ ହୋଇଥିବାବେଳେ କିଛି ଘଟଣା ଲାଗୁଥିଲା ବେଶ୍ ମନଛୁଆଁ। ତା'ଛଡ଼ା କିଛି ଘଟଣାକୁ ଏବେ ବି ଲୋକେ ମନେରଖି ପାଳନ କରୁଥିବାର ନଜିର ମଧ୍ୟ ଦେଖିବାକୁ ମିଳୁଛି; ଯାହାକୁ ନେଇ ଏଥରର ଏହି ଉପସ୍ଥାପନା...**

## ଖ୍ରୀଷ୍ଟମାସ

ଡିସେମ୍ବର ୨୫। ବିଶ୍ୱବାସୀ ଏହାକୁ ଖ୍ରୀଷ୍ଟମାସ ଭାବେ ପାଳନ କରିଥାନ୍ତି। ବିଶେଷକରି ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକଙ୍କ ପାଇଁ ଏହା ଏକ ବିଶେଷ ଦିନ ବା ବଡ଼ଦିନ। ଲୋକମୁଖରେ ଏହି ପବିତ୍ର ଦିନରେ ପ୍ରଭୁ ଯିଶୁ ଜନ୍ମଗ୍ରହଣ କରିଥିଲେ। ସେଥିପାଇଁ ଏହି ଦିନକୁ କେବଳ ଖ୍ରୀଷ୍ଟଧର୍ମୀ ନୁହନ୍ତି ଅନ୍ୟମାନେ ବି ବେଶ୍ ଆନନ୍ଦ ଉଲ୍ଲାସରେ ପାଳିଥାନ୍ତି। ତଥାପି ଆଜିବି ପ୍ରଭୁ ଯିଶୁଙ୍କର ଜନ୍ମକୁ ନେଇ ନାନା ଲୋକ ନାନା ମତ ଦେଉଥିବା ଶୁଣିବାକୁ ମିଳୁଛି।

## ପ୍ରଥମ ସାଣ୍ଟା ବେଶଧାରୀ

ଜେମ୍ସ ଏଡଗାର୍। ୧୮୪୩ରେ ସ୍କଟ୍‌ଲାଣ୍ଡରେ ତାଙ୍କର ଜନ୍ମ। କିନ୍ତୁ ପରେ ସିଏ ଆମେରିକା ଆସି ସେଠାରେ ଟେକ୍ସଟାଇଲ୍ ବ୍ୟବସାୟ ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କର ବ୍ୟବସାୟ ଭଲ ବଢିଥିଲା। ଥରେ ସେ ଚିନ୍ତା କଲେ ଖ୍ରୀଷ୍ଟମାସ ଅବସରରେ ଏକ ସ୍ୱତନ୍ତ୍ର ପୋଷାକ ତିଆରି କରିବା ପାଇଁ। ଆଉ ସେ ତିଆରି ମଧ୍ୟ କଲେ। ସୂଚନାଥାଉ କି ୧୮୯୦ ଡିସେମ୍ବର ୨୫ରେ ସେ କୁଆଡ଼େ ଏହି ଡ୍ରେସ୍ ତିଆରି କରି ନିଜକୁ ସାଣ୍ଟା ବେଶରେ ସଜାଇ ପ୍ରଥମେ ଲୋକଲୋଚନକୁ ଆସିଥିଲେ ; ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥିଲେ। ବାସ୍ ତା'ପରଠୁ ସାଣ୍ଟା କ୍ଲଜ୍‌ର ଏହି ଡ୍ରେସ୍‌ର ଟ୍ରେଣ୍ଡ ଚାଲିଲା। ହେଲେ ଏବେ ଯେମିତି ନାଲି ରଙ୍ଗର ସାଣ୍ଟା ଡ୍ରେସ୍ ସବୁ ମିଳୁଛି ପ୍ରଥମେ ତାହା ସେମିତି ନ ଥିଲା। ଟିକେ ଭିନ୍ନ ଷ୍ଟାଇଲ୍‌ର ଥିଲା। କିନ୍ତୁ ସମୟକ୍ରମେ ସାଣ୍ଟା ଡ୍ରେସ୍‌ର ଡିଜାଇନ୍‌ରେ ଅନେକ ପରିବର୍ତ୍ତନ ଆସି ବର୍ତ୍ତମାନର ଏହି ଟ୍ରେଣ୍ଡରେ ଆସି ପହଞ୍ଚିଛି। ତେବେ ସେ ଯାହାବି ହେଉ, ପ୍ରଥମ ସାଣ୍ଟା ବେଶଧାରୀ ଏବଂ ସାଣ୍ଟାର ପ୍ରଥମ ଡିପାର୍ଟମେଣ୍ଟ ଷ୍ଟୋର ତିଆରି କରିବାର ସମ୍ପୂର୍ଣ୍ଣ ଶ୍ରେୟ ଜେମ୍ସ ଏଡଗାର୍‌ଙ୍କୁ ହିଁ ଯାଇଥାଏ, ଯାହା ଏକ ଖୁସିର ବିଷୟ।

## ଯୁଦ୍ଧ ଭୁଲି ଖ୍ରୀଷ୍ଟମାସ ଏକାଠି ପାଳିଥିଲେ ସୈନିକ

ଏହି ଘଟଣାଟି ହେଉଛି ପ୍ରଥମ ବିଶ୍ୱଯୁଦ୍ଧ ଅର୍ଥାତ୍ ୧୯୧୪ ମସିହାର କଥା। ଯାହାକି ୨୮ ଜୁଲାଇ ୧୯୧୪ରୁ ଆରମ୍ଭ ହୋଇ ୧୯୧୮ ନଭେମ୍ବର ୧୧ରେ ଶେଷ ହୋଇଥିଲା। ଏହି ଯୁଦ୍ଧ ଖୁବ୍ ଭୟାନକ ଥିଲା ; ଯାହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡିଥିଲା। ଏହି ଯୁଦ୍ଧ ଯୋଗୁ ବହୁ ଧନଜୀବନ ନଷ୍ଟ ହେବା ସହ ଅନେକ ନିରୀହ ଲୋକ ଆହତ ମଧ୍ୟ ହୋଇଥିଲେ। କିନ୍ତୁ ତା'ରି ଭିତରେ ବି ଗୋଟେ ଏମିତି ଅଜବ ଘଟଣା ଘଟିଥିଲା ; ଯାହା ଇତିହାସ ପୃଷ୍ଠାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କଲା। ଏହି ଘଟଣାଟି ଘଟିଥିଲା ଯୁଦ୍ଧ ଆରମ୍ଭ ହେବାର କିଛିଦିନ ପରେ ଅର୍ଥାତ୍ ୧୯୧୪ ମସିହା ଖ୍ରୀଷ୍ଟମାସ ଅବସରରେ। ହଠାତ୍ ଏହି ସମୟରେ ୱେଷ୍ଟର୍ନ ଫ୍ରଣ୍ଟରେ ଯୁଦ୍ଧ ବନ୍ଦ ହୋଇଗଲା ; ଯେଉଁଠାରେ ବ୍ରିଟେନ୍ ଓ ଫ୍ରାନ୍ସର ସେନା ସହିତ ଜର୍ମାନୀ ସେନାଙ୍କର ଲଢ଼େଇ ଚାଲୁଥିଲା। କିନ୍ତୁ ଏହି ଯୁଦ୍ଧ ବିରାମ ପାଇଁ ଉଭୟ ପକ୍ଷର କୌଣସି ନେତା କିମ୍ବା ଉପର ଅଫିସର୍‌ମାନେ ସେମାନଙ୍କୁ କିଛି ବି ଅର୍ଡର ଦେଇ ନ ଥିଲେ। ବରଂ ଉଭୟ ପକ୍ଷର ସେନା ହିଁ ଏପରି କରିବା ପାଇଁ ପରସ୍ପର ଭିତରେ ନିଷ୍ପତ୍ତି ନେଇଥିଲେ। କାରଣ ସେ ସମୟରେ ଉକ୍ତ ସ୍ଥାନରେ ଭୀଷଣ ଥଣ୍ଡା ପଡୁଥିଲା। ହାତରେ ବନ୍ଧୁକ ଧରି ଯୁଦ୍ଧ କରିବାକୁ ସେମାନଙ୍କୁ କଷ୍ଟ ମଧ୍ୟ ହେଉଥିଲା। ତଥାପି ସେମାନେ ନିଜ କର୍ତ୍ତବ୍ୟରେ ହେଳା ନ କରି ବହୁ କଷ୍ଟରେ ଯୁଦ୍ଧ କରୁଥିଲେ। ହେଲେ ତା'ରି ଭିତରେ ଖ୍ରୀଷ୍ଟମାସ ପର୍ବ ଆସିଗଲା। ଖୁସିର ଏହି ପର୍ବରେ ରକ୍ତପାତ ନ କରି ବରଂ କିଛି ସମୟର ବିରତି ନେଇ ଟିକେ ମୌଜମସ୍ତି କରିବା ପାଇଁ ପ୍ରଥମେ ଜର୍ମାନୀ ସୈନ୍ୟମାନେ ବିଟ୍ରେନ୍ ସୈନ୍ୟଙ୍କୁ ଏହି ପ୍ରସ୍ତାବ ଦେଇଥିଲେ। ସେମାନେ ବି କିଛି ସମୟ ପରେ ଏହି ପ୍ରସ୍ତାବରେ ରାଜି ହୋଇଥିଲେ। ତେଣୁ ଖ୍ରୀଷ୍ଟମାସ ଅର୍ଥାତ୍ ଡିସେମ୍ବର ୨୫ର ପୂର୍ବଦିନ ସନ୍ଧ୍ୟାରୁ ପ୍ରଥମେ ଜର୍ମାନୀର ସୈନ୍ୟମାନେ ଦେଶଭକ୍ତି ତଥା ଖ୍ରୀଷ୍ଟମାସର ଗୀତ ଗାଇବାକୁ ଲାଗିଲେ। ତା'ପରେ ଉଭୟ ପକ୍ଷ ପରସ୍ପରକୁ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ। ତା'ପରଦିନ ଅର୍ଥାତ୍ ଡିସେମ୍ବର ୨୫ରେ ବ୍ରିଟେନ୍ ସୈନ୍ୟଙ୍କ ତରଫରୁ ପ୍ରଥମେ ଜର୍ମାନୀକୁ ଖ୍ରୀଷ୍ଟମାସର ଶୁଭେଚ୍ଛା ମିଳିଥିଲା। ଏଥିରେ ଖୁସି ହୋଇ ଜର୍ମାନୀ ସୈନ୍ୟ ବିଟ୍ରେନ୍ ସୈନ୍ୟଙ୍କୁ ହ୍ୱିସ୍କି ଗ୍ଲାସ ଦେଇ ସେମାନଙ୍କ ସହ ଖୁସି ମନାଇଥିଲେ। ତା'ପରେ ଉଭୟ ଦେଶର ସୈନ୍ୟ ମିଶି ଖ୍ରୀଷ୍ଟମାସ ଟ୍ରୁସ୍ ଫୁଟବଲ୍ ମ୍ୟାଚ୍‌ର ମଜା ନେଇଥିଲେ। ଏହି ଖେଳକୁ ଉଭୟ ପକ୍ଷର ସୈନ୍ୟ

→







ବେଶ୍ ମନଭରି ଉପଭୋଗ କରିଥିଲେ। କିଛି ସମୟ ପାଇଁ ସେମାନେ ଭୁଲିଯାଇଥିଲେ ଯେ, ସେମାନେ ପରସ୍ପରର ଶତ୍ରୁ କି କୌଣସି ଦେଶର ସୈନ୍ୟ ବୋଲି ବରଂ ସାଧାରଣ ଲୋକଙ୍କ ପରି ବେଶ୍ ଆନନ୍ଦର ସହ ଖେଳୁଥିଲେ। ଖେଳ ସରିବା ପରେ ଉଭୟ ପକ୍ଷର ସୈନ୍ୟ ପରସ୍ପରକୁ ଉପହାର ଦେବା ସହ ଫଟୋ ଉଠାଇଥିଲେ ବୋଲି ବି ସୂଚନାରହିଛି। ତେବେ ଯୁଦ୍ଧର ଗୋଟେ କ୍ଷେତ୍ରରେ ଯେଉଁଠି ଶତ୍ରୁତା ଭୁଲି ଉଭୟ ପକ୍ଷର ସୈନ୍ୟ ଡିସେମ୍ବର ୨୫ ବା ଖ୍ରୀଷ୍ଟମାସର ମଜା ନେଉଥିଲେ ସେତେବେଳେ ଅନ୍ୟ କ୍ଷେତ୍ରରେ କିନ୍ତୁ ଯୁଦ୍ଧ ଚାଲୁ ରହିଥିଲା। ତା'ସହିତ ଏ ଘଟଣା ସମ୍ପର୍କରେ ଯେତେବେଳେ ଉଭୟ ପକ୍ଷର ଉଚ୍ଚସ୍ତରର ଅଧିକାରୀମାନେ ଜାଣିଲେ, ସେମାନେ ବିରକ୍ତି ପ୍ରକାଶ କରିବା ସହ ଚିନ୍ତା କଲେ ଯେ, ଆଗକୁ ଯେମିତି ଏ ଘଟଣାର ପୁନରାବୃତ୍ତି ନ ହୁଏ। ନଚେତ୍ ଏହାର ଗଭୀର ପ୍ରଭାବ ସୈନ୍ୟଙ୍କ ମନ ଉପରେ ପଡିବ ଆଉ ସେମାନେ ଯୁଦ୍ଧ ପ୍ରତି ଆଗ୍ରହ ଦେଖାଇବେ ନାହିଁ। ସେବେଠାରୁ ସେମାନେ ସୈନ୍ୟଙ୍କ ଉପରେ କଡ଼ା ନଜର ରଖିଲେ ; ଫଳରେ ୧୯୧୮ ଯାଏ ଚାଲିଥିବା ଏହି ଯୁଦ୍ଧ ଭିତରେ ଆଉ ଏଭଳି ଘଟଣା ଦ୍ୱିତୀୟ ଥର ଦେଖିବାକୁ ମିଳିଲା ନାହିଁ। କିନ୍ତୁ ସେହି ସ୍ୱଳ୍ପ ସମୟର ଯୁଦ୍ଧ ବିରାମ ସବୁଦିନ ପାଇଁ ଇତିହାସ ହୋଇ ରହିଗଲା।

## ଚାଙ୍ଗମା ଭୂମିକମ୍ପ

ଉତ୍ତରପଶ୍ଚିମ ଚାଇନା ସ୍ଥିତ ଏକ ପ୍ରାନ୍ତ ହେଉଛି ଗାନ୍ସୁ। ସେହିପରି ଆଉ ଏକ ସ୍ଥାନ ହେଉଛି ଚାଙ୍ଗମା। ସୂଚନାନୁଯାୟୀ, ୧୯୩୨ ମସିହା ଡିସେମ୍ବର ୨୫ରେ ଏହି ଚାଙ୍ଗମା ଓ ଗାନ୍ସୁଠାରେ ଏକ ଲୋମଟାଙ୍କୁରା ଭୂମିକମ୍ପ ଘଟିଥିଲା। ଏହି ଦୁଃଖଦ ଘଟଣାରେ ସେ ସମୟରେ ପ୍ରାୟ ୧୧ ଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ନଷ୍ଟ ହୋଇଯିବା ସହ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଆଉ ସବୁଠୁ ବେଶି ଯାହା କଷ୍ଟ ଦେଇଥିଲା ତାହା ହେଉଛି ଏହି ଘଟଣାରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ୨୭୫ରୁ ଆରମ୍ଭ କରି ପ୍ରାୟ ୭୦ ହଜାର ପାଖାପାଖି ପହଁଚିଥିଲା। ଏହି ଘଟଣାଟି ସେ ସମୟରେ ସମ୍ପୂର୍ଣ୍ଣ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେଇଥିଲା।

## ଡିସେମ୍ବର ୨୫ରେ କାହାର ଜନ୍ମ ଓ ମୃତ୍ୟୁ ଦିବସ

ଡିସେମ୍ବର ୨୫ ଭଳି ପବିତ୍ର ଦିବସରେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଜନ୍ମଦିବସ ପଡୁଥିବାବେଳେ ଆଉ କିଛି ବ୍ୟକ୍ତିଙ୍କର ଶ୍ରାଦ୍ଧଦିବସ ବି ପଡ଼ିଥାଏ। ଯେମିତିକି...

* **ମଦନ ମୋହନ ମାଲବୀୟ–** ଯିଏକି ଥିଲେ ଭାରତର ଜଣେ ବିଦ୍ୱାନ୍ ବ୍ୟକ୍ତି, ରାଜନୀତିଜ୍ଞ, ଶିକ୍ଷାବିତ୍ ତଥା ଓକିଲ। ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ରହିଥିଲା ଯଥେଷ୍ଟ ଜ୍ଞାନ। କେବଳ ସେତିକି ନୁହେଁ ବନାରସ ହିନ୍ଦୁ ୟୁନିଭର୍ସିଟିର ମଧ୍ୟ ସେ ଥିଲେ କୋ–ଫାଉଣ୍ଡର। ସମାଜ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦୧୫ରେ ତାଙ୍କୁ ଭାରତ ରତ୍ନ ଉପାଧି ମଧ୍ୟ ମିଳିଥିଲା। ତେବେ ଏହି ମହାନ୍ ବ୍ୟକ୍ତିଙ୍କର ଜନ୍ମ ୧୮୬୧ ଡିସେମ୍ବର ୨୫ରେ ହୋଇଥିଲା।

* **ନୌଶାଦ ଅଲ୍ଲୀ–** ହିନ୍ଦୀ ସିନେମା ଜଗତର ଜଣେ ଲୋକପ୍ରିୟ ସଙ୍ଗୀତକାର, ସଙ୍ଗୀତ ନିର୍ଦ୍ଦେଶକ, ଚଳଚ୍ଚିତ୍ର ପ୍ରଯୋଜକ, ଲେଖକ ଓ କବି ଭାବେ ନୌଶାଦ ଅଲ୍ଲୀ ବେଶ୍ ପରିଚିତ। ତାଙ୍କର ବି ଜନ୍ମ ୧୯୧୯ ମସିହା ଡିସେମ୍ବର ୨୫ ଭଳି ପବିତ୍ର ଦିବସରେ ହୋଇଥିଲା।

* ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଲୋକପ୍ରିୟ ରାଜନିତିଜ୍ଞ, ଲେଖକ ଓ କବି **ଅଟଳ ବିହାରୀ ବାଜପେୟୀ** ମଧ୍ୟ ୧୯୨୪ ମସିହା ଡିସେମ୍ବର ୨୫ ତାରିଖରେ ଜନ୍ମଗ୍ରହଣ କରିଥିଲେ।

* ସାର୍ ଚାର୍ଲ୍ସ ସ୍ପେନସର୍ ଚାପଲିନ୍; ଯିଏକି ଲୋକମୁଖରେ **ଚାର୍ଲି ଚାପଲିନ୍** ଭାବେ ବେଶ୍ ପରିଚିତ, ସେ ଥିଲେ ଜଣେ ଲୋକପ୍ରିୟ ଇଂରାଜୀ ହାସ୍ୟାଭିନେତା, ଫିଲ୍ମ ମେକର୍, କମ୍ପୋଜର୍, ସ୍କ୍ରିନ୍ ରାଇଟର୍ ତଥା ପ୍ରଡ୍ୟୁସର୍। ନିଜର ଅଭିନୟ ଯାଦୁରେ ଲୋକଙ୍କୁ ହସେଇ ହସେଇ ବେଦମ୍ କରୁଥିବା ଏହି ମହାନ୍ ଅଭିନେତାଙ୍କର ଜନ୍ମ ୧୮୮୯ ମସିହାରେ ହୋଇଥିବାବେଳେ ୧୯୭୭ ମସିହା ଡିସେମ୍ବର ୨୫ରେ ସେ କିନ୍ତୁ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଏମାନଙ୍କ ବ୍ୟତୀତ ଆହୁରି ବି ଏମିତି ଅନେକ ବିଶିଷ୍ଟ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଜନ୍ମ ହେଉ ଅବା ମୃତ୍ୟୁ ଡିସେମ୍ବର ୨୫ ପରି ବିଶେଷ ଦିନରେ ହୋଇ ଜନ ମାନସ ପଟରେ ଅଭୁଲା ହୋଇ ରହିଯାଇଛନ୍ତି।

## ତୁଳସୀ ପୂଜନ ଦିବସ

ଡିସେମ୍ବର ୨୫ ; ଏହି ପବିତ୍ର ଦିବସରେ ଭାରତର କେତେକ ସ୍ଥାନରେ ପବିତ୍ର ତୁଳସୀ ପୂଜନ ଦିବସ ପାଳନ କରାଯାଉଥିବାର ଦେଖିବାକୁ ମିଳେ। ତୁଳସୀ ଗଛର ପବିତ୍ରତା, ଗୁଣବତ୍ତା ଓ ତା'ର ମହତ୍ତ୍ୱକୁ ନଜରରେ ରଖି ଏହି ପୂଜା କରାଯାଇଥାଏ। ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ବେଶ୍ ପୂଜନୀୟ ଓ ପବିତ୍ର ବୋଲି ମନେ କରାଯାଏ। ଶାସ୍ତ୍ରରେ ବି ତୁଳସୀ ଗଛକୁ ଦେବୀ ଲକ୍ଷ୍ମୀଙ୍କର ଏକ ସ୍ୱରୂପ ବୋଲି କୁହାଯାଇଛି। କୁହାଯାଏ, ଯେଉଁ ଘରେ ତୁଳସୀ ଗଛ ରହିଥାଏ ଆଉ ନିୟମିତ ତାଙ୍କର ପୂଜା କରାଯାଉଥାଏ, ସେଠାରେ ସର୍ବଦା ସୁଖସମୃଦ୍ଧି ଭରି ରହିଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ମଧ୍ୟ ତୁଳସୀ ଗଛର ବିଶେଷ ମହତ୍ତ୍ୱ ରହିଛି। ଏଥିରେ ନକାରାତ୍ମକ ଊର୍ଜାକୁ ଦୂର କରିବାର କ୍ଷମତା ଅଛି ବୋଲି ବିଶ୍ୱାସ କରାଯାଏ। ତା'ଛଡ଼ା ପବିତ୍ର ମନରେ ନିୟମିତ ତୁଳସୀଙ୍କର ପୂଜାର୍ଚ୍ଚନା କଲେ ପ୍ରଭୁ ବିଷ୍ଣୁଙ୍କର କୃପାଲାଭ ହୋଇଥାଏ ବୋଲି ମାନ୍ୟତା ରହିଛି। କାରଣ ଭଗବାନ ବିଷ୍ଣୁଙ୍କର ତୁଳସୀ ହେଉଛି ଖୁବ୍ ପ୍ରିୟ ; ସେଥିପାଇଁ ତ ତୁଳସୀର ଆଉ ଏକ ନାମ ହରିପ୍ରିୟା। ତେବେ ପ୍ରତିଦିନ ତୁଳସୀ ଗଛକୁ ପୂଜା କରିବାର ବିଧି ହିନ୍ଦୁଧର୍ମରେ ରହିଥିଲେ ହେଁ, ଏହାର ମହତ୍ତ୍ୱକୁ ବିଶ୍ୱବାସୀଙ୍କୁ ଜଣାଇବା ପାଇଁ ୨୦୧୪ ମସିହାରୁ ପ୍ରତିବର୍ଷ ଡିସେମ୍ବର ୨୫କୁ ତୁଳସୀ ପୂଜନ ଦିବସ ରୂପେ ପାଳନ କରିବାର ବିଧି ଭାରତରେ ଆରମ୍ଭ ହୋଇଥିବା ସୂଚନା ରହିଛି।

ତେବେ କେବଳ ଏହି ସବୁ ଘଟଣା ନୁହେଁ, ଡିସେମ୍ବର ୨୫କୁ ନେଇ ଆହୁରି ଅନେକ ଚର୍ଚ୍ଚିତ ଘଟଣା ବି ରହିଛି ; ଯାହା ବେଶ୍ ରୋଚକପୂର୍ଣ୍ଣ ହେବା ସହ ଅଭୁଲା ବି।

**–ଅନ୍ୱିତା ମିଶ୍ର**









# ବସ୍

ଦିନ ଥିଲା ମହିଳାମାନେ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲେ। କିନ୍ତୁ ଏବେ ସମୟ ବଦଳିଛି। ଆଉ ତା'ସହ ପାଦ ମିଳାଇ, ବିଭିନ୍ନ ଚ୍ୟାଲେଞ୍ଜକୁ ସାମ୍‌ନା କରି ସେମାନେ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଆଧୁନିକ ସମାଜର ଉନ୍ନତି ପାଇଁ ମହିଳାମାନଙ୍କର ଭୂମିକାକୁ ବି ଏଡାଇ ହେବ ନାହିଁ। ଠିକ୍ ସେହିପରି 'ବସ୍' ପଣ କରିଛି, ଯେମିତି ହେଲେ ଏ ସମାଜକୁ ସେ କିଛି ନା କିଛି ନୂଆ ବାର୍ତ୍ତା ଦେବ। ଲୋକମାନଙ୍କର ଉନ୍ନତି ପାଇଁ ନିଜ ଜୀବନକୁ ସତେ ଯେମିତି ସେ ସମର୍ପିତ କରିଦେଇଛି। ହଁ, ଏଭଳି ଏକ କାହାଣୀକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ବସ୍' ଏବେ ରିଲିଜ ଅପେକ୍ଷାରେ ରହିଛି। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଶଢ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ କଳାକାର। ଫିଲ୍ମଟିର ଶୁଟିଂ ଏବେ ଚାଲୁ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। ଅନ୍ୟପକ୍ଷରେ ଏଥିରେ ପ୍ରଯୋଜକ ରମେଶ ବାରିକ ଜଣେ ନେତା ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।




ବର୍ଷା ପ୍ରିୟଦର୍ଶିନୀ



ତମନ୍ନା

# ଶାଢ଼ି ପ୍ରିୟ ତମନ୍ନା

ତମନ୍ନା ଭାଟିଆଙ୍କୁ ନେଇ ଏବେ ଚର୍ଚ୍ଚା। କଥା କ'ଣ କି ଏବେ ତ ବିବାହ ଋତୁ ଚାଲିଛି। ନିକଟରେ ଏକ ବିବାହ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେଠାରେ ତାଙ୍କର ଶାଢ଼ି ଗେଟ୍‌ଅପ୍ ମୁଖ୍ୟ ଆକର୍ଷଣ ସାଜିଥିଲା। ଆଉ ଏଥିପାଇଁ ତାଙ୍କର ପ୍ରଶଂସକମାନେ ତାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେଦିନର ସେଇ ଶାଢ଼ି ଅନୁଭୂତିକୁ ନେଇ ତମନ୍ନା କୁହନ୍ତି, ''ସତ କଥା ହେଲା ମୋତେ ଶାଢ଼ି ଗେଟ୍‌ଅପ୍ ଭାରି ପସନ୍ଦ। ଅବଶ୍ୟ ମୁଁ କେତେବେଳେ କେମିତି କିଛି ଖାସ୍ ଅବସରରେ ଶାଢ଼ି ପିନ୍ଧେ। ହେଲେ ଶାଢ଼ି କିଣିବା ପ୍ରତି ମୋର ବେଶ୍ ଦୁର୍ବଳତା ରହିଛି। ଶପିଂ କରିବାକୁ ଗଲେ କିଛି ଶାଢ଼ି କିଣିବାକୁ ଭୁଲି ନ ଥାଏ।'' 'ଲଫଙ୍ଗୋ ମେଁ' ମ୍ୟୁଜିକ ଆଲବମରୁ ସେ ପ୍ରଥମ ଥର ପାଇଁ କ୍ୟାମେରା ସାମନା କରିଥିଲେ। ତା'ପରେ 'ଚାନ୍ଦ ସା ରୋଶନ ଚେହେରା' ନାମକ ଏକ ହିନ୍ଦି ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ହେଲେ ଦୁର୍ଭାଗ୍ୟ ବଶତଃ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ତେଲୁଗୁ, ତାମିଲ ସିନେମାରେ ଅଭିନୟ କରି ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିସାରିଛନ୍ତି।



ହ୍ରିତିକ

# ପୂଜାର୍ଚ୍ଚନାରେ ବ୍ୟସ୍ତ

ଦୀପିକା ପାଦୁକୋନ୍ ଏବେ ନିଜକୁ ଗୋଟିଏ କାମରେ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? ପୂଜାର୍ଚ୍ଚନା। କଥା କ'ଣ କି ଏବେ ସେ ପ୍ରାୟ ନିୟମିତ ମନ୍ଦିର ଯାଉଛନ୍ତି। ସେଠାରେ ପୂଜାପୂଜି ଶେଷ କରି ଲୋକମାନଙ୍କୁ କିଛି ଦାନ କରୁଛନ୍ତି। ଏ ନେଇ ଦୀପିକା କହନ୍ତି, 'ଅସଲ କଥା ହେଲା, ଘରେ ଥିବା ସମୟରେ ମୁଁ ଠାକୁର ଘରେ ପାଖାପାଖି ଅଧଘଣ୍ଟାଏ ବିତାଏ। କାରଣ ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ତା'ସହ ମୋର ପ୍ରତିଟି ନୂଆ ପ୍ରୋଜେକ୍ଟର ଶୁଟିଂ ଆରମ୍ଭ ହେବା ପୂର୍ବରୁ ଏବଂ ରିଲିଜ ଦିନ ମୁଁ ଯେମିତି ହେଲେ ମନ୍ଦିର ଯାଇଥାଏ। ଏବେ ଯେହେତୁ ମୁଁ କିଛି ଦିନ ଫ୍ରି ଅଛି ତେଣୁ ପ୍ରତିଦିନ ମନ୍ଦିର ଯାଉଛି।' ନିଜ ଅଭିନୟ କ୍ୟାରିୟରର ଏକ ଘଟଣାକୁ ଏବେ ବି ମନେ ପକାନ୍ତି ଦୀପିକା। ଅନ୍ୟତମ ବରିଷ୍ଠ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ଯେତେବେଳେ 'ସାୱରିୟା' ନିର୍ମାଣ କରିବାକୁ ଯୋଜନା କଲେ, ସେତେବେଳେ ଏହାର ନାୟିକା ଭୂମିକାରେ ପ୍ରଥମେ ଦୀପିକାଙ୍କୁ ନେବାକୁ ଯୋଜନା କରିଥିଲେ। କିନ୍ତୁ କେତେକ କାରଣରୁ ସେ ଏଭଳି ସୁଯୋଗକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଏହି ଫିଲ୍ମ ଲାଗି ନବାଗତା ସୋନମ କପୁରଙ୍କୁ ସାଇନ୍ କରାଯାଇଥିଲା।



ଦୀପିକା

# ଫାଇଟର୍

'କହୋ ନା ପ୍ୟାର ହୈ'ରୁ ନାୟକ ସାଜିଥିବା ହ୍ରିତିକ ରୋଶନ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଜାନୁୟାରୀ ୨୫କୁ। କଥା କ'ଣ କି ତାଙ୍କ ଅଭିନୀତ ସିନେମା 'ଫାଇଟର୍' ଆସନ୍ତା ବର୍ଷ ଏହିଦିନରେ ରିଲିଜ ହେବାକୁ ଯାଉଛି। ୨୫୦କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟିର କାହାଣୀ ଆକ୍ସନଭିତ୍ତିକ। ଆଉ ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ନାୟକ ହ୍ରିତିକ ଏବଂ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ। ଅସଲ କଥା ହେଲା ଏହି ଫିଲ୍ମଟିର ଘୋଷଣା ୨୦୨୧ ଜାନୁୟାରୀ ୧୦ରେ ହୋଇଥିଲା। କିନ୍ତୁ କୋଭିଡ୍ ମହାମାରୀ ପାଇଁ ଏହାର ପ୍ରାରମ୍ଭିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ୨୦୨୨ରେ ଶୁଟିଂ ଆରମ୍ଭ ହେଲା। ଏଥିରେ ହ୍ରିତିକ ସ୍କ୍ୱାର୍ଡନ ଲିଡ଼ର ସମସେର ପଠାନିଆ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୀପିକା ପାଦୁକୋନ୍। ହ୍ରିତିକ ଏବଂ ଦୀପିକାଙ୍କ ବ୍ୟତୀତ ଏଥିରେ ଅନୀଲ କପୁର, କରନ୍ ସିଂ ଗ୍ରୋଭର, ଅକ୍ଷୟ ଓବରୟ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମ ବିଷୟରେ ହ୍ରିତିକ କହନ୍ତି, 'କୋଭିଡ୍ ପାଇଁ ଏହାର ପ୍ରାରମ୍ଭିକ କାମ ଏବଂ ଶୁଟିଂ ବିଳମ୍ବ ହୋଇଥିଲା। ଏପରି କି ପୂର୍ବରୁ ଦୁଇ ଥର ଏହାର ରିଲିଜ ଡେଟ୍‌କୁ ପରିବର୍ତ୍ତନ କରାଯାଇଛି। ଶେଷରେ ଏହି ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୫ରେ ରିଲିଜ ହେବାକୁ ଯାଉଛି।' ତେବେ ଏହି ସିନେମାଟି ହ୍ରିତିକଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଦୁର୍ଜନଙ୍କ ପାଇଁ ସମାଜ ନଷ୍ଟ ହୁଏ



ପିଲାଟି ଦିନରୁ ପୂଜାର୍ଚ୍ଚନା ଓ ବେଦପାଠ ତାଙ୍କୁ ଖୁବ୍ ଭଲ ଲାଗୁଥିଲା। ସ୍କୁଲ ବୟସରେ ସଂସ୍କୃତ ପଢିବା ସହ ବେଦ, ଉପନିଷଦ ଆଦି ଏକାଧିକ ପୁରାତନଶାସ୍ତ୍ର ପାଠକରି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବାରେ ବି ଥିଲା ଆଗ୍ରହ। ପରବର୍ତ୍ତୀ ସମୟରେ ଜୀବନରେ ଆଧ୍ୟାତ୍ମିକତାର ମୂଲ୍ୟବୋଧ, ଚରିତ୍ର ଗଠନ, ସମାଜ ସଂସ୍କାର, ପ୍ରାକୃତିକ ପରିବେଶର ମହତ୍ତ୍ୱ ଓ ତା'ର ସୁରକ୍ଷା ନିମନ୍ତେ ସାଧନା ଜାରିରଖିଛନ୍ତି। ଏଥିପାଇଁ ତାଙ୍କର ଆଚରଣ, ଉଚ୍ଚାରଣ ଓ କର୍ତ୍ତବ୍ୟରେ ତାଳମେଳ ରହିଥାଏ। ଏକାଧାରରେ ସେ ଜଣେ ଶିକ୍ଷାବିତ୍, ବୈଦିକ ପ୍ରଚାରକ, ଲେଖକ, କର୍ମକାଣ୍ଡ ବିଶାରଦ, ବେଦଜ୍ଞ ପଣ୍ଡିତ ତଥା ସମାଜ ମାର୍ଗଦର୍ଶକ। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଆଧ୍ୟାତ୍ମିକ, ସାମାଜିକ ଓ ଶିକ୍ଷା ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ **ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା**। ଜନ୍ମ ୨୨।୧୦।୧୯୫୫ରେ । ମାତାଙ୍କ ନାମ ପାଞ୍ଚାଳି ପଣ୍ଡା, ପିତା କାଳିନ୍ଦୀ ପଣ୍ଡା। ତେବେ ବୀରେନ୍ଦ୍ରଙ୍କୁ ପିଲାଟି ଦିନରୁ ତାଙ୍କର ବଡ଼ବାପା ପଞ୍ଚାନନ ପଣ୍ଡା ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଘର ଭଦ୍ରକ ଜିଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁରରେ । କିନ୍ତୁ ଏବେ କୁଆଁସରେ ଅବସ୍ଥାନ କରୁଛନ୍ତି। ସେ କୁହନ୍ତି,'ମା, ବାପାଙ୍କର ଆମେ ୨ପୁଅ ଓ ଗୋଟିଏ ଝିଅ । ମୁଁ ସାନ ପୁଅ। ବାପା ଗାଁରେ ପୁରୋହିତି କାମ କରୁଥିଲେ । ମୋର ପ୍ରାଥମିକ ଶିକ୍ଷା ବିଦ୍ୟାଧରପୁର ପ୍ରାଥମିକ ସ୍କୁଲରେ ଆରମ୍ଭ ହୋଇଥିଲା। ଏହା ପରେ ତିହିଡ଼ିରେ ୭ମ ପଢ଼ାସାରି ଭଦ୍ରକ ଦାମୋଦର ସଂସ୍କୃତ ବିଦ୍ୟାଳୟରେ ୧୯୭୬ରେ ସଂସ୍କୃତରେ ଶାସ୍ତ୍ରୀ ପାସ୍ କଲି। ବେଦ ସମ୍ପର୍କରେ ଜାଣିବା ଓ ବେଦ ପଢିବା ନିମନ୍ତେ ୧୯୮୪ରେ ଗୁରୁକୁଳ ବେଦବ୍ୟାସ ପୀଠ ରାଉରକେଲାରେ ପହଞ୍ଚିଥିଲି। ସେଠାରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ( ଗୁରୁଜୀ)ଙ୍କ ବେଦଶାଳାରେ ବୈଦିକ ଶାସ୍ତ୍ର ଶିକ୍ଷା ଲାଭକଲି। ପରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟରେ ପ୍ରଧାନ ଆଚାର୍ଯ୍ୟଭାବେ କାର୍ଯ୍ୟ ତୁଲାଇଥିଲି। ୧୯୯୯ ବେଳକୁ ଏହି ଶିକ୍ଷାନୁଷ୍ଠାନଟି ଏକ ମହାବିଦ୍ୟାଳୟରେ ପରିଣତ ହେଲା। ସେଠାରେ ଅଧ୍ୟକ୍ଷଭାବେ ଯୋଗଦେଲି। ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ପ୍ରାୟ ୩୦ ବର୍ଷଧରି ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛି। ଦୀର୍ଘ ୪୦ବର୍ଷଧରି ବୈଦିକ ବିଚାର ଉପରେ ଜନସାଧାରଣଙ୍କୁ ଶିକ୍ଷା ପ୍ରଦାନ କରିଆସୁଛି।' ଏହାଛଡ଼ା ପଣ୍ଡିତ ବୀରେନ୍ଦ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବେଦର ପ୍ରଚାରକାର୍ଯ୍ୟ କରିବାସହ ଆଧ୍ୟାତ୍ମିକ ପତ୍ରିକା ବେଦ ପୀୟୂଷର ପ୍ରାୟ ୩୨ବର୍ଷଧରି ସମ୍ପାଦନା କରିଆସୁଛନ୍ତି। ସେ ରଚନା କରିଥିବା ପୁସ୍ତକ ମଧ୍ୟରେ– 'ବେଦରେ ଏକଶତ ସିଦ୍ଧାନ୍ତ', 'ବୈଦିକ ଧର୍ମ ମୀମାଂସା', 'ସ୍ୱାର୍ଥରୁ ପରମାର୍ଥ', 'ଶ୍ରାଦ୍ଧ ଓ ତର୍ପଣ', 'ସଂକ୍ଷିପ୍ତ ମନୁସ୍ମୃତି', 'ସୁଖୀପରିବାର', 'ଶ୍ରୁତିବୈଭବ', 'ଆଧ୍ୟାତ୍ମିକ ଗଳ୍ପମାଳା' ଆଦି ପୁସ୍ତକ ରହିଛି।୨୦୧୩ ମସିହାଠାରୁ କେତୋଟି ଘରୋଇ ଟି.ଭି. ଚ୍ୟାନେଲରେ ବିଭିନ୍ନ ସକାରାତ୍ମକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଶାସ୍ତ୍ର ଉପନିଷଦକୁ ଆଧାରକରି ବିଭିନ୍ନ ଘଟଣାର ଅବତାରଣା କରି ଲୋକଙ୍କୁ ସତ୍‌ମାର୍ଗରେ ଯିବା ସହ ନାନାସମସ୍ୟା ସମାଧାନର ବାଟ ବତାଇଥାନ୍ତି। ସେ କୁହନ୍ତି, 'କେବଳ ନୀତିକଥା ଲୋକଙ୍କ ମନକୁ ଛୁଇଁପାରେନା। ଲୋକଙ୍କୁ ତାଙ୍କରି ଭାଷାରେ କହିଲେ ସେମାନେ ଠିକ୍ ବୁଝିପାରିବେ। ବକ୍ତାଟିଏ ଶ୍ରୋତାଙ୍କ ହୃଦୟକୁ ସେତେବେଳେ ଛୁଇଁବ, ଯେତେବେଳେ ପ୍ରୀତିପୂର୍ବକ ବାଣୀ ଶୁଣିବ। କାରଣ ମଣିଷ ସବୁଠାରୁ ଶ୍ରେଷ୍ଠପ୍ରାଣୀ। ମୋର ଉଦ୍ଦେଶ୍ୟ ସମସ୍ତ ମଣିଷ ନିଜନିଜ ଭିତରେ ସ୍ୱାର୍ଥକୁ ଭୁଲିଯାଆନ୍ତୁ। ଯେମିତି ପରମାତ୍ମା ସମସ୍ତଙ୍କ ପାଇଁ ସମାନ । ଭଲମଣିଷ ହେବାସହ ପରସ୍ପରକୁ ଭଲ ପାଇଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ମୁଁ ବିଶ୍ୱାସ କରେ। ଏଥିପାଇଁ ଇଚ୍ଛାଶକ୍ତି ନିହାତି ଦରକାର। ଯେଉଁ ଦେଶରେ ଅପୂଜ୍ୟମାନେ ପୂଜା ପାଇବେ ଏବଂ ପୂଜ୍ୟମାନେ ବଞ୍ଚିତ ହେବେ ସେଠାରେ ଜ୍ଞାନ, ଧର୍ମ, ଭକ୍ତି ଓ ସୁଚରିତ୍ର ନଷ୍ଟ ହେବ। ସେଥିପାଇଁ ସମାଜ ଯଦି ନଷ୍ଟ ହେଉଛି ବୋଲି କୁହାଯିବ ତେବେ ତାହା ନିଷ୍କ୍ରିୟ ସଜ୍ଜନ ଓ ସକ୍ରିୟ ଦୁର୍ଜନଙ୍କ ପାଇଁ ଘଟିଥାଏ। କିନ୍ତୁ ଯେଉଁଦିନ ବିଦ୍ୱାନ୍‌ମାନଙ୍କର ସମ୍ମାନ ବଢିବ ସେଦିନ ଦେଶରୁ ଭ୍ରଷ୍ଟାଚାର ଚାଲିଯିବ। ମୋ ଭାବନାରେ ଧର୍ମ କହିଲେ ମାନବ ଧର୍ମ । ଜ୍ଞାନପୂର୍ବକ ଧର୍ମ । ଧର୍ମର ମୂଳ ଉତ୍ସ ବେଦ । ତେବେ ବେଦ ମାର୍ଗକୁ ଗଲେ ଜାଣିପାରିବା ପ୍ରକୃତ ସତ୍ୟ, ଧର୍ମ ଓ ଈଶ୍ୱରଙ୍କୁ। ଈଶ୍ୱର ଏକ, ନାମ ଅନେକ– ପଥ ବହୁତ। ଆଜିକାଲି ପ୍ରଲୋଭନ ପ୍ରବଚନ ଦ୍ୱାରା ଅନେକେ ଅବାଟକୁ ଯାଉଛନ୍ତି । ଭାରତୀୟ ପୁରାତନ ଗ୍ରନ୍ଥରେ ବହୁ ନୀତିଶିକ୍ଷା ରହିଛି। ଏଥିପାଇଁ ମୌଳିକ ପରିବର୍ତ୍ତନର ପ୍ରବଚନ ଦରକାର। ଏହାଦ୍ୱାରା ନୈତିକ, ଆଧ୍ୟାତ୍ମିକ, ଚାରିତ୍ରିକ ଗଠନ ହୋଇପାରିବ। ଯେଉଁଥିରୁ ପିତୃଭକ୍ତି, ମାତୃଭକ୍ତି, ଦେଶଭକ୍ତି, ଗୁରୁଭକ୍ତି ଶିକ୍ଷା ମିଳିବ। ତେବେ ବିଦ୍ୟାଳୟଗୁଡ଼ିକରେ କେବଳ ପାଠ୍ୟଖସଡ଼ାର କୋର୍ସ ପଢ଼ା ନ ଯାଇ ତା' ଭିତରେ ଉତ୍ତମ ଚରିତ୍ରବାନ୍ ଛାତ୍ରୀଛାତ୍ର ତିଆରି ନିମନ୍ତେ ଭାରତୀୟ ସଂସ୍କୃତିର ମହାନ୍ ମନୀଷୀମାନଙ୍କ ଚରିତ୍ର ତଥା ଜୀବନୀର ଚିନ୍ତନକୁ ନେଇ ଶ୍ରେଣୀରେ ନୈତିକ ଶିକ୍ଷା ଦେବାର ଆବଶ୍ୟକତା ରହିଛି। ଧୈର୍ଯ୍ୟ, ସହନଶୀଳତା ପରୋପକାର ପାଇଁ ପ୍ରେରଣା ମିଳିବ। ତାହା ଛାତ୍ର ଜୀବନରୁ ହିଁ ଗ୍ରହଣ କରିବା ଉଚିତ। ମଣିଷ ଭାଗ୍ୟ ଅପେକ୍ଷା କର୍ମକୁ ଗୁରୁତ୍ୱ ଦେବା ଉଚିତ । କାରଣ ମଣିଷ କର୍ମପ୍ରବଣ ହେଲେ ଭାଗ୍ୟ ଅପେକ୍ଷା କର୍ମର ଗୁରୁତ୍ୱ ବଢିଯାଏ। କଥାରେ ଅଛି ''ଉତ୍ତମ ସଙ୍ଗେ ସଙ୍ଗ ଯାର ସେ କରେ ଉତ୍ତମ ବେଭାର, ଦୁର୍ଜନ ସଙ୍ଗେକଲେ ବାସ ଘଟିବ ଜାଣ ସର୍ବନାଶ।'' ଏମିତି ଅନେକ ଲୋକକଥା ଓ ହିତ ଉପଦେଶ ଆମ ସମାଜରେ ପ୍ରଚଳିତ। କୁହାଯାଏ ପରିବେଶ ଓ ପରିସ୍ଥିତି ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। ତେବେ ଶୃଙ୍ଖଳିତ ଜୀବନ ଓ ମଣିଷପଣିଆ ବ୍ୟକ୍ତିକୁ ଆଗକୁ ବଢ଼ାଇଥାଏ। ଯିଏ ଯେତେ ବଡ଼ ପଦପଦବୀରେ ରହିଲେ ବି କେବେ କାହାରିକୁ ଠକିବା ନାହିଁ କି ଅନ୍ୟଠାରୁ କିଛି ଆଶା ରଖିବା ନାହିଁ । ନିଜ କର୍ତ୍ତବ୍ୟକୁ ଠିକ୍‌ରେ ପାଳନ କରିବା । କାହାରିକୁ ସେବାକରିବାରେ କେହିକିଛି ଯଦି ଉପକୃତ ହେଉଛନ୍ତି ତାହା ଈଶ୍ୱରଙ୍କ ନିର୍ଦ୍ଦେଶ ବୋଲି ଭାବିବା ଉଚିତ। ସମାଜରେ ପିଲାମାନଙ୍କୁ ନୈତିକ, ବୈଦିକ ଓ ଚାରିତ୍ରିକ ଶିକ୍ଷା ଦେବା ନିମନ୍ତେ ଖୋର୍ଦ୍ଧାର ପରିଚ୍ଛଳ ଗ୍ରାମରେ ଦୟାନନ୍ଦ ଆଦର୍ଶ ଗୁରୁକୁଳର ସଂସ୍ଥାପକଭାବେ କାର୍ଯ୍ୟ କରୁଛି। ଏବେ ମୋର ପରିବାର କହିଲେ ୨ଝିଅ, ଗୋଟିଏ ପୁଅ, ସ୍ତ୍ରୀ ସରୋଜିନୀଙ୍କୁ ନେଇ ଛୋଟ ସଂସାର।

**–ବନବିହାରୀ ବେହେରା**














# କୃଷ୍ଣ ଗର୍ତ୍ତ

–ସୁଷମା ପରିଡ଼ା

ରେଣ୍ଟାଲ କଲୋନିର ବସ୍ତି। ସହର ବଜାରରେ ସବୁଆଡ଼େ ନୂଆ ବର୍ଷ ପାଇଁ ସଜବାଜ। ଦୋକାନଗୁଡ଼ିକରେ ଖ୍ରୀଷ୍ଟଙ୍କ ଜନ୍ମଦିନ ପାଇଁ ଦୁନିଆ ପ୍ରକାରର ଉପହାର, ରାସ୍ତାକଡ଼ ଦୋକାନରେ ନାଲିଟୋପିବାଲା ସାଣ୍ଟାକ୍ଲଜର ପୋଷାକ ଗଦା ହୋଇଛି। କୋଉଠି ଭୋଜିଭାତ ତ ଆଉ କୋଉଠି ନାଚଗୀତର ଆସର। ବସ୍ତିରେ ତ ସମସ୍ତଙ୍କର ଅବସ୍ଥା ଏହିଭଳି। କିଏ ଟ୍ରଲି ଚଳାଏ ତ ଆଉ କିଏ ଦିନ ମଜୁରି ଖଟି, ସ୍ତ୍ରୀ ଲୋକ ଆଉ ଝିଅ ମାନେ ପରଘରେ ଝାଡୁପୋଛା ବାସନମଜା କାମ କରନ୍ତି, ଯାହା ରୋଜଗାର ହୁଏ ନିଜ ପରିବାର ଚଳେଇବାକୁ କଷ୍ଟ ପଡ଼େ, ଆଉ ଏଥିରେ ନୂଆ ବର୍ଷ ମନେଇବାକୁ କିଏ ପିଲାମାନଙ୍କୁ ପଇସା ଦେବ ?

ତିନିଦିନ ହେଲା ଟୋକାଙ୍କ ଆଡ୍ଡା ଜମିଛି କ୍ଲବ ଘରେ। ଶଃ... ନୂଆ ବର୍ଷଟା କ'ଣ ଖାଲି ଏଇ ବଡ଼ ଲୋକମାନେ ପାଳନ କରିବେ ଆଉ ଆମେ ଏମିତି ଭକୁଆ ଭଳିଆ ଦେଖୁଥିବା । ଚାଲ ଆମେ ବି କିଛି କରିବା ହେଲେ ମାଲଟା ଆସିବ କୋଉଠୁ ? ଟିକିଏ ଥତମତ ହୋଇ କହିଲା ଦିନେଶ, ମୁଁ ଗୋଟିଏ କଥା କହିବି, ସମସ୍ତେ ମାନିଲେ ହେଲା । ରବି, ଅଜୟ, ଫକୀର, ସୁକାନ୍ତ ସାଙ୍ଗେ ସାଙ୍ଗେ ଉଠିପଡ଼ିଲେ ଆରେ କହୁନୁ, ତୁ ପରା ଆମର ଦୋସ୍ତ ! ତୋ କଥା କ'ଣ ଆମେ ତଳେ ପକାଇ ଦେବୁ ? ଦେଖୁଛୁ ତ ଆମେ ସମସ୍ତେ ଶୁଖା ଖଡ଼ ଖଡ଼ । ଘରେ କ'ଣ ବାପା ମାଆ ପଇସା ଦେବେ ଆମକୁ ନୂଆ ବର୍ଷ ଭୋଜିଭାତ କରିବାକୁ ? ନିଜେ କିଛି କରିବା ଲାଗି ପଡ଼ିବ ନା । ହଁ ,ହଁ କହି ବେଢ଼ିଗଲେ ସମସ୍ତେ ଦିନେଶକୁ। ଦିନେଶ କହିଲା ଥରେ ମତେ ଆରସାହିର ଶବନମ ଚାଚି ଗୋଟିଏ ପୁଡ଼ିଆ ଦେଇଥିଲା ବଜାର ଉପରେଥିବା ଗୋଲିଆଭାଇର ପାନ ଦୋକାନରେ ଦେଇ ଦେବାକୁ, ଆଉ ସେଥିପାଇଁ ମୋତେ ମଜୁରି ଦେଇଥିଲା ଦୁଇଶ' ଟଙ୍କା। ସେଦିନ ମୁଁ ଆରାମରେ ନରି ଢାବାରେ ମାଉଁସଭାତ ଖାଇ ମହାରାଜାରେ ସିନେମା ଦେଖିଥିଲି। ଘରେ କାହାକୁ ସେକଥା କହିବାକୁ ମନା କରିଥିଲା ଶବନମ ଚାଚି, ତେଣୁ ଆଜି ଯାଏ ମୁଁ ସେକଥା କାହାରିକୁ କହିନାହିଁ । ତୁମେମାନେ ଯଦି ସେଥିରେ ରାଜି ହେବ ତେବେ ଶବନମ ଚାଚି ସହିତ ମୁଁ କଥାବାର୍ତ୍ତା କରିବି । ଆରେ ଆମ ପାଞ୍ଚଜଣଙ୍କର ମିଶିଲେ ପୂରା ହଜାରେ ଟଙ୍କା ହେବ । ସେଇଥିରେ ବଢ଼ିଆ ଭୋଜିଟିଏ ହେବ ନା ନାହିଁ କହୁନ ? ମସ୍ତ ଭୋଜିଟାଏ ଖାଇ ସିନେମା ଦେଖି ନୂଆ ବର୍ଷ ପାଳନ କରିବା । ଅଜୁ ପଚାରିଲା ଆରେ ସେ ପୁଡ଼ିଆରେ କ'ଣ ଥିଲା ? ଦିନେଶ କହିଲା ଯାହା ଥାଉ, ସେଥିରୁ ଆମକୁ କ'ଣ ମିଳିବ ? ଚୁପ ଚାପ୍ ମାଲଟା ନେଇ ଦେଇଦେଲା ପରେ ଟଙ୍କା ହାତେଇନେଲେ ଯାଏ। ସମସ୍ତଙ୍କ ମନକୁ ପାଇଲା କଥାଟା।

ସେଦିନ ପାଞ୍ଚଜଣଙ୍କୁ ଆଣି ପାଞ୍ଚଟା ପୁଡ଼ିଆ ଧରେଇଦେଲା ଦିନେଶ। କହିଲା ଠିକ ସଞ୍ଜ ବେଳକୁ ଠିକଣା ଜାଗାରେ ପହଞ୍ଚାଇବା ପାଇଁ ହେବ। ଫେରିବା ପରେ ଶବନମ ଚାଚିଠୁ ଟଙ୍କା ଆଣିବା ଦାୟିତ୍ୱ ମୋର । ଏଇଠି ଆସି ଏକାଠି ହେବା ସମସ୍ତେ । ଦିନେଶ ପାଟିରୁ କଥା ସରିଛି କି ନାହିଁ ଦୁଇ ତିନିଟି ସୁସ୍ଥ ସବଳ ମଣିଷ ଆସି ମାଡ଼ି ବସିଲେ ପାଞ୍ଚଜଣଙ୍କୁ । ପଛରେ ଜଣେ ପୋଲିସ ଇନ୍ସପେକ୍ଟର । ପୁଡ଼ିଆଗୁଡ଼ିକ ସେମାନଙ୍କ ହାତରୁ ଛଡ଼େଇ ନେଇ ବାନ୍ଧି ପକେଇଲେ ଆଉ ନିର୍ଘାତିଆ ପିଟି ପିଟି ନେଇଗଲେ ଥାନାକୁ । ସେଠାରେ ପିଟି ପିଟି ପଚାରିଲେ କେବେଠୁ କରୁଛ ଏ ବେପାର ? କୋଉଠୁ ଆଣୁଛ ମାଲ ? କିଏ ତମ ସରଦାର୍ ? ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନ ; ଯାହାର ଉତ୍ତର ସେମାନଙ୍କ ପାଖରେ ନ ଥିଲା, ଯାହା କିଛି ଜଣାଥିଲା କେବଳ ଦିନେଶକୁ। ଦିନେଶ ଗୋଗଛିଆ ପିଟଣା ଖାଇ ସେଇତକ ବତେଇଲା ସେ ପୋଲିସକୁ । ବାକି ସମସ୍ତଙ୍କର ମାଡ଼ ଖାଇ ଖାଇ ହାଜତରେ କଟିଲା ଚାରି ଦିନ । ବାପା ମାଆ ବହୁତ କଷ୍ଟକରି ସେମାନଙ୍କୁ ଜେଲରୁ ମୁକୁଳାଇବା ବେଳକୁ ନୂଆ ବର୍ଷଟା ସରିଯାଇଥିଲା ।

*–ଶାରଳା ଭବନ, ପୋତାପୋଖରୀ, କଟକ*
*ମୋ: ୯୩୩୭୨୭୨୬୪୭*

## ଜହ୍ନର ଠିକଣା

–ନଳିନୀକାନ୍ତ ନାୟକ

କାଲିଠାରୁ ଜହ୍ନ ଆଉ ଦେଖାନାହିଁ
ମୁହଁଛପା ଦେଇ ରହିଛି ସେ
କେଉଁ କୃଷ୍ଣ ଗହ୍ୱରରେ ,
ଖୋଜିଲିଣି କାହିଁ କେତେ
କ୍ଷେତ , ବଣ , ପାହାଡ଼ , ପ୍ରାନ୍ତର
ଖୋଜିଲିଣି ତାକୁ କେତେ ମନ ଆକାଶରେ
ସେ ନିରୁଦ୍ଦିଷ୍ଟ
ରହିଛି ସେ ମୋ' ଆଖି ଆର ପାରେ ।

ଜ୍ୟୋତ୍ସ୍ନା ପଡୁନି ଏବେ ରାସ୍ତାରେ ଘାଟରେ
ନଦୀ ପାଣି ଚହଲୁନି ଜହ୍ନ ଆଲୁଅରେ
ଜହ୍ନ ଆଉ ଗେହ୍ଲେଇ ହେଉନି
ମୋ ସହ ଏକୁଟିଆ ବେଳେ ।

ଜାଣିଚି ଜହ୍ନର ଏ' ଅଭିମାନ
ବେଳ ଅବେଳରେ
କେବେ ଆସିବ ସେ ଦିଏ ନାହିଁ କଣ୍ଟ
କୌଣସି ପ୍ରକାରେ ।
ଆଶା ଅଛି
ସେ ଆସିବ ନୂଆ କିଛି ରଙ୍ଗ ଧରି
ଅପେକ୍ଷାକୁ ମୋ ଦୂରୁ ଦେଖିପାରି
ନୂଆ ରଙ୍ଗ , ନୂଆପଣ
ନୂଆ ସମ୍ଭାବନା
ଜହ୍ନ ଆସି ବତେଇବ
ତା' ଉଆସ ଠିକଣା ।

–ପୋଷ୍ଟାଲ ଡିପାର୍ଟମେଣ୍ଟ , ହାଇଦ୍ରାବାଦ
ମୋ: ୮୨୪୯୧୬୨୨୨୫

## ପାର୍ଥକ୍ୟ

–ମାନସ ରଞ୍ଜନ ବାରିକ୍

ପାର୍ଥକ୍ୟଟେ ଆମ ଏକତ୍ୱରେ
ଥାଉ ନିବିଡ଼ତା ଆଣିବାକୁ
ବ୍ୟବଧାନ କିଛି କିଛି ରହୁ
ଆଉ ନିକଟକୁ ଆସିବାକୁ
ଟିକିନିଖି ଦେଖି ଦେଲାପରେ
ଡର ଲାଗେ ଚିହ୍ନିଯିବା କାଳେ
ତୁମେ ମୋତେ
ଆଉ ମୁଁ ତୁମକୁ
ତେଣୁ ଦେଇଥାଅ ରହିବାକୁ
ଅନ୍ଧାର ପରସ୍ତଟିଏ
ଆଲୋକର ପ୍ରସ୍ତ ବୁଝିବାକୁ ।

*–କଣ୍ଟିପାଳ, କେନ୍ଦୁଝର*
*ମୋ:୯୦୭୮୯୩୪୯୩୪*

# ସ୍ମୃତିରେ ୨୦୨୩

**ଛୁଟିଦିନ ପ୍ରତିଥର ତା'ର ପ୍ରିୟ ପାଠିକା ପାଠକଙ୍କୁ ଭେଟି ଦେଇଥିଲା ଜ୍ଞାନ, ବିଜ୍ଞାନ, ହସ, ମଜା, ଅଜବ କଥାର ଅନେକ ସମ୍ଭାର। ଏଇ ଯେମିତି...**

**ଆରମ୍ଭ ହୋଇଗଲାଣି ଓଲଟା ଗଣତି। ବାସ୍ ଆଉ ଦିନ କେଇଟା ପରେ ନୂଆ ଆଶା, ଆକାଂକ୍ଷା ନେଇ ଆସିଯିବ ନୂଆବର୍ଷ। ତା'ପୂର୍ବରୁ ଚାଲନ୍ତୁ ନା ଟିକେ ମନେପକାଇବା ପୁରୁଣା ଦିନର କିଛି କଥାକୁ...**

**ପ୍ରଚ୍ଛଦ ପ୍ରସଙ୍ଗ:** କଳା, ସଂସ୍କୃତି ସହ ଅନେକ ସମୟୋପଯୋଗୀ ବିଷୟବସ୍ତୁକୁ ବେଶ୍ ନିଆରା ଶୈଳୀରେ ଏହି ପୃଷ୍ଠାରେ ଉପସ୍ଥାପନ କରାଯାଇଥିଲା। ସେଥିମଧ୍ୟରୁ କିଛି ନିମ୍ନରେ..

**ହସ ବଇଦ:** ଲୁହଧାରକୁ କେମିତି ହସରେ ବଦଳେଇ ହେବ ସେ କଳା ଏମାନଙ୍କୁ ବେଶ୍ ଜଣା। ଯେତେ ଦୁଃଖ କଷ୍ଟରେ ଥିଲେ ବି ବର୍ଷକ ବାରମାସ-ତିନିଶ' ପଞ୍ଚଷଠି ଦିନ ଏମାନଙ୍କ ପାଇଁ ହାସ୍ୟ ଦିବସ। ହସ ବିନା ଯେମିତି ଏମାନଙ୍କ ଜୀବନ ଅଧୁରା। ସମସ୍ତଙ୍କୁ ହସ ବଟିକା ବାଣ୍ଟୁଥିବା କେତେଜଣ ହସ ବଇଦଙ୍କ କଥା ଥିଲା ଏହି ପ୍ରଚ୍ଛଦରେ।

**୯ ହରିବୋଲ:** ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁଭାବେ ସେ ଯେପରି ଅନନ୍ୟ, ତାଙ୍କ ରଥଯାତ୍ରା ବି ସେମିତି ମହିମାମଣ୍ଡିତ। ତାଙ୍କ ନୀତିକାନ୍ତିଠାରୁ ପର୍ବ-ପର୍ବାଣି, ଯାତ୍ରାରେ ବହୁ ପରମ୍ପରା ହୁଏ ଅନୁସୃତ। ସେହିଭଳି ରଥ ନିର୍ମାଣ ସମୟରେ ଅନୁସରଣ କରାଯାଉଥିବା ଅନ୍ୟତମ ପରମ୍ପରା ହେଉଛି ହରିବୋଲ ଡାକ।







**ନାରୀ ଶକ୍ତି:** ନାରୀ ସୁକୁମାରୀ, କୋମଳା, ଦୁର୍ବଳା ନୁହେଁ; ସେ ସାହସ ଓ ଶକ୍ତିର ପ୍ରତୀକ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି କେତେଜଣ ନାରୀ। ସେଇମାନଙ୍କ ସାହସ, ସାମର୍ଥ୍ୟର କଥା ଥିଲା ଏହି ପ୍ରଚ୍ଛଦ।

**କଲାମଙ୍କ କର୍ମଭୂମି:** ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲମ୍ୟାନ ଡ.ଅବ୍ଦୁଲ କଲାମଙ୍କ ଅନ୍ୟତମ କର୍ମଭୂମି ଭାବେ ପରିଚିତ ଭଦ୍ରକର ହ୍ୱିଲର ଦ୍ୱୀପପୁଞ୍ଜ। ପରବର୍ତ୍ତୀ ସମୟରେ ତାହା ଅବ୍ଦୁଲ କଲାମ ଆଇଲାଣ୍ଡ ନାମରେ ନାମିତ ବି ହୋଇଛି। ତାଙ୍କର ସେଇ କର୍ମଭୂମି ସମ୍ପର୍କରେ ଏହି ପ୍ରଚ୍ଛଦ ପ୍ରସଙ୍ଗ।

**ସିଂହାସନ:** ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱର ପ୍ରତୀକ ହେଉଛି ସିଂହାସନ। ଏହା ଏମିତି ଏକ ସ୍ଥାନ ଯାହା ଉପରେ ଉପବିଷ୍ଟ ହେଉଥିବା ବ୍ୟକ୍ତିଙ୍କୁ ଗଣନା କରାଯାଏ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ। ଇତିହାସ ସାକ୍ଷୀ ଅଛି ଏଇ ସିଂହାସନ ମୋହରେ ହୋଇଛି କେତେ ଯେ ଷଡ଼ଯନ୍ତ୍ର, କେତେ ଯେ ରକ୍ତପାତ।

**ଚର୍ଚ୍ଚିତ ପ୍ରେମ କାହାଣୀ:** ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତି ନାହିଁ ଅଲଗା। ପ୍ରେମକୁ ପାଇବା ଲାଗି କିଛି ପ୍ରେମୀଯୁଗଳ କେମିତି ଅସମ୍ଭବକୁ ବି ସମ୍ଭବ କରିଛନ୍ତି ସେଇ କାହାଣୀ ଥିଲା ଏଥିରେ।

**ଲେଡି ବାଇକର୍ସ:** ରୟାଲ ଏନ୍‌ଫିଲ୍ଡ, କେଟିଏମ୍, କାୱାସାକି ପରି ବାଇକ୍ ଭୁମ୍ ଭୁମ୍ କରି ଯେବେ ଏମାନେ ରାସ୍ତାରେ ଚାଲି ଯାଆନ୍ତି ଲୋକେ ଘଡ଼ିଏ ବୁଲି ବୁଲି ଚାହାନ୍ତି। କାରଣ ଏସବୁ ବାଇକ୍ ଉପରେ ଦିନେ ଥିଲା ପୁରୁଷମାନଙ୍କର ଏକ୍‌ଚାଟିଆ ରାଜତ୍ୱ। ହେଲେ ଏବେ ଲେଡି ବାଇକର୍‌ମାନେ ସମାଜର କଟକଣା ଓ କଟାକ୍ଷକୁ ପାଦରେ ଦଳି ଏହାକୁ ଚଳାଉଛନ୍ତି ବେଶ୍ ବିନ୍ଦାସ୍‌ରେ।

**ଜୟ ଯବାନ:** ସେନାବାହିନୀରେ ଯୋଗଦେଇ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ଏହି ସୈନିକମାନେ ଅବସର ପରେ ବି ନିଜ ଅଞ୍ଚଳର ଆଶାୟୀ ଯୁବପିଢିଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସୁରକ୍ଷା ପାଇଁ ପ୍ରସ୍ତୁତ କରୁଛନ୍ତି।







**ସ୍ୱୟଂସିଦ୍ଧା:** ପାରିବି ନାହିଁର ଶବ୍ଦ ନ ଥିଲା ଏମାନଙ୍କ ଶବ୍ଦକୋଷରେ। ସବୁ ପ୍ରତିକୂଳ ପରିସ୍ଥିତିକୁ କେମିତି ଅନୁକୂଳ ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରେ ସେ ରାସ୍ତା ଏମାନଙ୍କୁ ବେଶ୍ ଜଣାଥିଲା। ଜାଣିଥିଲେ ଆଉ ଦୁନିଆକୁ ଜଣାଇ ବି ଦେଲେ ଯେ ଏମିତି କିଛି ରାସ୍ତା ନାହିଁ କି, ଏମିତି କିଛି କାମ ନାହିଁ ଯାହା ନାରୀଙ୍କ ପକ୍ଷେ ଅଗମ୍ୟ ଆଉ ଅସମ୍ଭବ।

**ଲାଇଫ୍ ଷ୍ଟାଇଲ୍:** ପାଠକଙ୍କୁ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସମ୍ପର୍କରେ ଅପଡେଟ୍ କରାଇବାର ପ୍ରୟାସ କରାଯାଇଥିଲା ଏହି ପୃଷ୍ଠାରେ।

**ବ୍ୟକ୍ତିତ୍ୱ:** ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣାଦାୟକ ଜୀବନ କାହାଣୀକୁ ସୁନ୍ଦର ସାବଲୀଳଭାବେ ଉପସ୍ଥାପନ କରାଯାଇଥିଲା ଉକ୍ତ ପୃଷ୍ଠାରେ।

**ସୃଜନ:** ନୂଆ ଲେଖକ ଲେଖିକାଙ୍କ ସହ ବହୁ ବିଶିଷ୍ଟ ଲେଖକ ଲେଖିକାଙ୍କ ମନଛୁଆଁ ଗପ ଓ କବିତାର ସମ୍ଭାର ଥିଲା ସୃଜନ ପୃଷ୍ଠାରେ।

**ସିନେମା:** ସିନେ ଜଗତର ଲାଟେଷ୍ଟ ଗସିପ୍, ନୂଆ ରିଲିଜ୍, ସେଲିବ୍ରିଟିଙ୍କ ଜୀବନର କିଛି ଅଜଣା କଥା ସହ ଗ୍ଲାମର୍ ଦୁନିଆ ସମ୍ପର୍କିତ ଆହୁରି ଅନେକ କିଛି ତଥ୍ୟ ଥିଲା ସିନେମା ପୃଷ୍ଠାରେ ।

**ସାଥୀ/ପ୍ରଥମ ରୋଜଗାର:** ପ୍ରେମ ପ୍ରତାରଣାକୁ ନେଇ ମନରେ ଥିବା ନାନା ପ୍ରଶ୍ନର ଉତ୍ତର ଦେବାକୁ ପ୍ରୟାସ କରାଯାଇଥିଲା ସାଥୀ ସ୍ତମ୍ଭରେ। ତା'ସହ ପ୍ରଥମ ରୋଜଗାର ସ୍ତମ୍ଭରେ ରହୁଥିଲା ପ୍ରଥମ ପାରିଶ୍ରମିକର ମିଠା ଅନୁଭବର କଥା।




**ମଡେଲ ମିରର୍:** ଗ୍ଲାମର୍ସ ମଡେଲମାନେ ଏହି ପୃଷ୍ଠାର ଶୋଭା ବଢାଉଥିବାବେଳେ ହାଃ ହାଃ ଫୁଟାଉଥିଲା ସମସ୍ତଙ୍କ ମୁହଁରେ ହସ।

**ସହରଠୁ ଦୂର:** ଭ୍ରମଣ ପ୍ରିୟ ମଣିଷଙ୍କୁ ଏହି ପୃଷ୍ଠା ଦେଉଥିଲା ବିଭିନ୍ନ ମନୋରମ ସ୍ଥାନର ସମ୍ପୂର୍ଣ୍ଣ ଓ ସୁନ୍ଦର ବିବରଣୀ ; ଯଦ୍ୱାରା ଘରେ ବସି ପାଠକମାନେ ଭ୍ରମଣର ମଜା ନେଇପାରୁଥିଲେ।



**ବିବିଧା:** ଅଜବ ଗଜବ କଥାକୁ ନେଇ ବିବିଧା ପୃଷ୍ଠା ହୋଇଥିଲା ଖାସ୍।

**ଚିନ୍ମୟ ଚିନ୍ତନ:** ପୌରାଣିକ କଥାବସ୍ତୁ ମାଧ୍ୟମରେ ଆଜିକାର ବ୍ୟସ୍ତବହୁଳ ଓ ଜଟିଳ ହୋଇପଡ଼ିଥିବା ଜୀବନକୁ ସରଳ କରିବାର ପ୍ରୟାସ କରାଯାଇଥିଲା ଏହି ପୃଷ୍ଠାରେ।

**କଥାଚାଟ୍:** ବଦଳିଥିବା ସମାଜ, ବଦଳିଥିବା ସମ୍ପର୍କର ନିଚ୍ଛକ ଛବିକୁ ବ୍ୟଙ୍ଗ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା ଏହି ସ୍ତମ୍ଭରେ।

**ସେଲିବ୍ରିଟି ସିକ୍ରେଟ୍:** ଓଡ଼ିଶାର ଲୋକପ୍ରିୟ ସେଲିବ୍ରିଟିଙ୍କ ଜୀବନର କିଛି ଜଣା, ଅଜଣା କଥା ଏହି ପୃଷ୍ଠାରେ ଥିଲା।

**ବ୍ୟାକପେଜ୍:** ଛୁଟିଦିନର ଶେଷପୃଷ୍ଠା ଥିଲା ବେଶ୍ ମନଛୁଆଁ। ଚକିତ କରିଦେବା ଭଳି ଅନେକ ଘଟଣାର ଉପସ୍ଥାପନ କରାଯାଇଥିଲା ଏଥିରେ।

# ଘରଲୋକଙ୍କ ପାଇଁ ନୂଆ ପୋଷାକ କିଣିଥିଲି

**ପ୍ରଥମ ରୋଜଗାର**



ସାହିତ୍ୟିକ **ରାଧାମୋହନ ପାଣିଗ୍ରାହୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଜନ୍ମମାଟି ପଦ୍ମପୁରଠାରୁ ୨୦ କି.ମି ଦୂର ଆମ ଜିଲା ରାୟଗଡ଼ାର ସଦର ମହକୁମା ଗୁଣର ସହର ଗୁଣପୁର। ''ଗୁଣପୁର''ରେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷକ ପ୍ରଶିକ୍ଷଣ ତାଲିମ ସରିବା ପରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହେବା ଲକ୍ଷ୍ୟରେ ଅପେକ୍ଷା କରି ବସିଥାଏ। ଅଥଚ ପ୍ରଶିକ୍ଷଣ ସରିବାର କେଇ ଦିନ ପରେ ଗୁଣପୁରର ସୁପ୍ରସିଦ୍ଧ ତଥା ନାମକରା ଘରୋଇ ଗାନ୍ଧୀ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ନିଯୁକ୍ତି ନିମନ୍ତେ ସାକ୍ଷାତ୍କାରରେ ସଫଳ ହୋଇ ଉକ୍ତ ବିଦ୍ୟାଳୟରେ ୨୦୧୫ ମସିହା ଜୁନ ଶେଷବେଳକୁ ଯୋଗଦାନ କଲି। ଚାକିରି କରିବା ପରେ ଦରମା ରୂପେ ମିଳିଥିବା ମୋ ଜୀବନର ପ୍ରଥମ ରୋଜଗାର ପାଇଥିଲି ମାସ ସରିବାର କେଇ ଦିନ ପରେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହାତରେ ଧରେଇ ଦେଇଥିଲେ ବନ୍ଦ ଥିବା ଏକ ଲଫାପା। ପ୍ରଥମେ ମୁଁ ଏହାକୁ କୌଣସି ବ୍ୟକ୍ତିଗତ ଅବା ବିଦ୍ୟାଳୟ ସମ୍ପର୍କିତ ତଥ୍ୟ ଭାବି ଗ୍ରହଣ କରିବା ପରେ ପୁନର୍ବାର ଫେରି ଆସିଲି ଶିକ୍ଷକ କୋଠରିକୁ। ଆସ୍ତେ ଆସ୍ତେ ସଯତ୍ନେ ଲଫାପାଟିକୁ ଖୋଲିବାକୁ ଲାଗିଲି। ଲଫାପା ଭିତରେ ଥିଲା ମୋ ଯୋଗଦାନ ଦେଇଥିବା ପାରିଶ୍ରମିକ ତଥ୍ୟଫର୍ଦ୍ଦ ସହ ମୋ ପ୍ରଥମ ମାସର ପ୍ରାପ୍ୟ। ଜୀବନରେ ନିଜେ ରୋଜଗାର କରିଥିବା ଦରମା ହାତରେ ଧରୁ ଧରୁ ସମଗ୍ର ଶରୀରରେ ଖେଳିଗଲା ଏକ ଅଦ୍ଭୁତ ପୁଲକ। ତା'ସହ ସନ୍ତୁଷ୍ଟି ହେବାର ଏକ ଶିହରଣରେ ଖୁବ୍ ମତୁଆଲା ହୋଇ ନାଚୁଥିଲା ଉଭୟ ମନ ଓ ହୃଦୟ। ଏମିତି ଅନୁଭବ ତ ସମସ୍ତଙ୍କର ଥାଏ ଅଥଚ ଏହାର ବ୍ୟକ୍ତିଗତ ଅନୁଭୂତିରେ ଯେଉଁ ଆନନ୍ଦ ମିଳେ, ତାହା ସର୍ବଦା ନିଜ ପାଇଁ ଖୁବ୍ ନିଆରା। ସେଇ ମୁହୂର୍ତ୍ତକୁ ଅନୁଭବ କରୁଥିବା ଅନୁଭବୀ ହିଁ ସେଇ ମହାର୍ଘ ଭାବ ଓ ଆବେଗକୁ ଅଙ୍ଗେ ନିଭାଇପାରେ। ଯେହେତୁ ସେଦିନ ପାଇଁ ବିଦ୍ୟାଳୟ ଶିକ୍ଷାଦାନ ଶେଷ ହୋଇଯାଇଥିଲା। ଆଉ କିଛି ଘଣ୍ଟା ବ୍ୟବଧାନରେ ମୁଁ ଘରକୁ ଫେରିବା ପରେ ବି ଜୀବନର ପ୍ରଥମ ଉଲ୍ଲାସକୁ ଜଣାଇ ପାରିଥାନ୍ତି ଅଥଚ ନିଜ ଭିତରେ ଭରିରହିଥିବା ଖୁସିର ରୋମାଞ୍ଚକୁ ଆଉ ନିୟନ୍ତ୍ରଣ କରି ନ ପାରି ସଙ୍ଗେ ସଙ୍ଗେ ବାବା ଓ ବୋଉଙ୍କ ସହ ଫୋନ୍‌ରେ କଥା ହେଲି। ତତ୍ପରେ ବସ୍ ଯୋଗେ ଘରକୁ ଫେରିବା ପରେ ପ୍ରଥମ ଦରମାକୁ ବାବାଙ୍କ ହାତକୁ ବଢ଼େଇଦେଲି। ବାବା କିନ୍ତୁ ଟଙ୍କା ନ ନେଇ କହିଲେ ଜୀବନର ତୋ ପ୍ରଥମ ଅର୍ଜିତ ଟଙ୍କାକୁ ତୁ ତୋ ନିଜ ଇଚ୍ଛାନୁସାରେ ଖର୍ଚ୍ଚ କର କିନ୍ତୁ ଏଥିରୁ ଟଙ୍କାଟିଏ ବି ଯେମିତି ବଦଖର୍ଚ୍ଚ ନ ହୁଏ। ବାବାଙ୍କ ସହ କଥାରେ ତାଳ ମିଳାଇ ବୋଉ ମଧ୍ୟ ଠିକ୍ ସେମିତି ହିଁ କହିଥିଲା। ସେଦିନ ସନ୍ଧ୍ୟାରେ ବଜାରକୁ ଯାଇ ଆମ ଘର ନିକଟସ୍ଥ ଆରାଧ୍ୟ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ମିଷ୍ଟାନ୍ନ ଭୋଗ କରିବା ସହ ମୋତେ ସବୁଠାରୁ ଅଧିକ ସ୍ନେହ କରୁଥିବା ମୋ ଜେଜେମା', ବାବା, ବୋଉ, ମୋ ଦୁଇ ଛୋଟ ଭାଇ ଓ ମୋତେ ସର୍ବଦା ପ୍ରେରଣା ଯୋଗାଉଥିବା ମୋ ପିଉସୀ ନାନୀ ; ଯିଏ ମୋତେ ଶିକ୍ଷାଦାନ ଦେବା ସହ ମୋ ମାର୍ଗଦର୍ଶନ କରୁଥିଲେ, ସେ ସମସ୍ତଙ୍କ ନିମନ୍ତେ ନୂଆ ପୋଷାକ କିଣି ଆଣିଲି। ବଳକା ଥିବା ଟଙ୍କାକୁ ପୁନର୍ବାର ବୋଉ ହାତକୁ ବଢ଼େଇଦେଲି। ପୋଷାକ ସବୁ ସମସ୍ତଙ୍କୁ ଖୁବ୍ ପସନ୍ଦ ଥିଲେ ମଧ୍ୟ ଦରମାକୁ ଏକ ସ୍ୱତନ୍ତ୍ର ତଥା ଉପାଦେୟ କ୍ଷେତ୍ରରେ ବ୍ୟବହାର ପାଇଁ ଗୁରୁଜନମାନେ ପ୍ରେରିତ କରୁଥିବାବେଳେ ମୋ ଦୁଇ ଛୋଟ ଭାଇ କିନ୍ତୁ ଖୁବ୍ ଖୁସିଥିଲେ ନୂଆ ପୋଷାକ ପାଇ। ମୁଁ ବି ମନରେ ନିଜ ସ୍ୱ-ଅର୍ଜିତ ବେତନରେ ନିଜର ପ୍ରିୟଜନଙ୍କ ନିମନ୍ତେ କିଛି ଉପହାର ରୂପେ ଦେବାର ସାମର୍ଥ୍ୟ ପାଇବାର ଯେଉଁ ଅବସର ପାଇଥିଲି ସେତିକିରେ ଖୁବ୍ ଆନନ୍ଦିତ ଥିଲି। ଏକ ଅଦ୍ଭୁତ ସନ୍ତୁଷ୍ଟିରେ ମନ ମୋର ନାଚି ଉଠୁଥିଲା। ଯା' ଭିତରେ କିଛି ବର୍ଷ ବିତିଗଲାଣି। ଶିକ୍ଷକତା ବ୍ୟତିତ ଗପ, କବିତା ଲେଖିବାରେ ବି ରୁଚି ରଖିଛି। ଆଜିର ଏହି ବ୍ୟସ୍ତମୟ ଜୀବନରେ ପ୍ରଥମ ରୋଜଗାରର ସେହି ସ୍ମୃତି ଯେବେ ମନେପଡେ ଏକ ସୁନ୍ଦର ଓ ଖୁସିର ଚିତ୍ରପଟ ମୋ ମନ ଆଇନାରେ ଆଙ୍କି ହୋଇଯାଏ।

# କାଲୁଆ ଶୀତକୁ ଅଳପ ଖରା, ଚତୁରୀ ରାଧିକା ନ ଦିଏ ଧରା

**ସାଥୀ**



**ପ୍ରଶ୍ନ:** ମୋ ମନର ମାନସୀ ଭାରି ଚତୁରୀ। ସେ ସହଜରେ ମୋତେ ଧରା ଦେଉନି। କ'ଣ କରିବି ?

*-ସମୀର ସାହୁ, ବଲାଙ୍ଗୀର*

**ଉତ୍ତର:** 'କାଲୁଆ ଶୀତକୁ ଅଳପ ଖରା, ଚତୁରୀ ରାଧିକା ନ ଦିଏ ଧରା।' ପ୍ରେମରେ ଲୁଚକାଳି ଖେଳର ମଜା ନିଆରା। ଏହା ଭିତରେ ପ୍ରେମର ଅସଲ ମଜା ଲୁଚି ରହିଛି। ଆପଣଙ୍କ ମନର ମାନସୀ ସହଜରେ ଧରା ଦେଉନି। ଯେତେବେଳେ ହେଲେ ତ ଭେଟ ହେଉଥିବ। ସେହି ସମୟରେ ସୁନେଲି ମୁହୂର୍ତ୍ତକୁ ଟିକେ ତର୍ଜମା କରନ୍ତୁ ନା !

**ପ୍ରଶ୍ନ:** ଜଣେ ଝିଅ ସବୁବେଳେ ଲାଜେଇ ଲାଜେଇ ହସୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*-ବିଜୟ ନାୟକ, ବଡବିଲ*

**ଉତ୍ତର:** ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ। ଏହି ହସ କେତେବେଳେ ମିଠା ଲାଗେ ତ କେତେବେଳେ ମନରେ ବିଷ ଭରିଦିଏ। ତେବେ ତାହାର ଭିତିରି କଥାକୁ ମଗଜ ଖଟାଇ ପଢ଼ିପାରିଲେ ହେଲା। ସେହି ହସକୁ ଯଦି ଠିକ୍ ଭାବରେ ତର୍ଜମା ନ କରି ତା' ସୁଅରେ ଭାସି ଯାଆନ୍ତି, ତେବେ ଅଧା ବାଟରେ ଦିଗହରା ନାବିକ ପରି ବାଟ ଖୋଜି ବୁଲୁଥିବେ। ତେଣୁ ସେହି ସୁନ୍ଦରୀ ହସରୁ ଯଦି ପ୍ରେମର ପ୍ରାକ୍ ସୂଚନା ପାଉଛନ୍ତି ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ହୁଏତ ଚାନ୍ସଟା ଆଉ କିଏ ମାରିନେଇପାରେ !

**ପ୍ରଶ୍ନ:** ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନି। କ'ଣ କରିବି ?

*-ତନ୍ମୟ ରାଉତ, କଟକ*

**ଉତ୍ତର:** କଥାରେ ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ:** ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*-ଅଭିଜିତ, କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ:** ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*-ତପନ, ଭୁବନେଶ୍ୱର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି-ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ଆପଣଙ୍କର ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବ।

**ପ୍ରଶ୍ନ:** ଅଫିସ୍ ଯିବା ରାସ୍ତାରେ ଗୋଟେ ଝିଅ ସହ ମୋର ପ୍ରତିଦିନ ଦେଖାହୁଏ। ସେ ମୋତେ ଦେଖି ହସିଦିଏ କିନ୍ତୁ କିଛି ବି କଥା ହୁଏନି। ମୁଁ କିନ୍ତୁ ତାକୁ ମନେ ମନେ ଭଲ ପାଇ ବସିଛି। ନିଜ ମନକଥା କେମିତି ଜଣାଇବି ଟିକେ କହିବେ କି ସାଥୀ ?

*-ସରୋଜ ଦାସ, ରାଉରକେଲା*

**ଉତ୍ତର:** ଡରିବାର କିଛି ନାହିଁ। ସିଧା ସିଧା ଯାଇ ସେ ଝିଅ ସହ କଥା ହୁଅନ୍ତୁ। ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ ସେ ଝିଅ ପ୍ରାପ୍ତ ବୟସର ନା ନାହିଁ। ତା'ପରେ ନିଜ ମନ କଥା କୁହନ୍ତୁ। ଯଦି ସେଥିରେ ସେ ରାଜି ହେଲା ତା'ହେଲେ ପ୍ରେମର ଗୀତ ଗାଇବା ଆରମ୍ଭ କରିଦିଅନ୍ତୁ।

# ପରିଚୟ ଦେଇଛି କାଗଜ ମୁଖା



**ପିଲାଟି ଦିନରୁ ମୋର ଏହିସବୁ କାମ କରିବାରେ ଖୁବ୍ ଆଗ୍ରହ ଥିଲା। ଆସ୍ତେ ଆସ୍ତେ ବାପାଙ୍କଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ଏହି କାମ ଶିଖିଲି। ଯାହା ଏବେ କେବଳ ମୋର ନୁହେଁ ଆମ ପରିବାରର ପରିଚୟ ହେବା ସହ ରୋଜଗାରର ମାଧ୍ୟମ ପାଲଟିଛି..**





**ଖୋ**ର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅନ୍ତର୍ଗତ କରଡ଼ ଗାଡ଼ିଆ ଗାଁ। ଏହି ଗାଁ କାଗଜମୁଖା ହସ୍ତଶିଳ୍ପ ପାଇଁ ବେଶ୍ ପ୍ରସିଦ୍ଧି ରହିଛି। ଏହି ଗାଁରେ ଥିବା କେତୋଟି ମୁଖା ତିଆରି ପରିବାର ମଧ୍ୟରେ ଶିଳ୍ପୀ ଚରଣ ମହାପାତ୍ରଙ୍କ ପରିବାର ଅନ୍ୟତମ। ଚରଣ ମହାପାତ୍ରଙ୍କ ବୟସ ପ୍ରାୟ ୬୭ ହେବ। ପିତା ଗଦାଧର ମହାପାତ୍ର ବି ଏହି କାଗଜ ମୁଖା କାମ କରୁଥିଲେ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଚରଣ ମଧ୍ୟ ସେହି କଳାକୁ ଆପଣେଇଲେ। ଚରଣ କୁହନ୍ତି,'ଆମର ପୂର୍ବପୁରୁଷମାନେ ବିଭିନ୍ନ କାରୁକାର୍ଯ୍ୟ ତଥା ନାନା ପ୍ରକାରର କଳାକୃତି ତିଆରି କରୁଥିଲେ। ତେବେ ପିଲାଟି ଦିନରୁ ମୋର ଏହିସବୁ କାମ କରିବାରେ ଖୁବ୍ ଆଗ୍ରହ ଥିଲା। ଆସ୍ତେ ଆସ୍ତେ ବାପାଙ୍କଠାରୁ ମୁଁ ଏହି କାମ ଶିଖିଲି। ଏମିତି କି ସ୍କୁଲ ବୟସରୁ କାଗଜରେ  ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର ଆଙ୍କୁ ଥିଲି। ଏଇଥିରେ ସମୟ ଦେଇ ପାଠପଢାରେ ସମୟ ଦେଇପାରିଲିନି। ୭ମ ଶ୍ରେଣୀ ଯାଏ ପଢିଲି। ପରିବାରର ବଡ଼ମାନଙ୍କଠାରୁ କାରିଗରି କାମ ଶିଖୁଥାଏ। ପ୍ରତିଦିନ ଘରେ କାଗଜରେ ହସ୍ତକଳା କାରିଗରି କାମ ସବୁ ହୁଏ। ଯାହାକି ପୌରାଣିକ ଚରିତ୍ରକୁ ଆଧାର କରି ଯେମିତିକି ଲୀଳା, ସୁଆଙ୍ଗ ଓ ଗୀତିନାଟ୍ୟ ଆଦି। ବିଭିନ୍ନ ଚରିତ୍ରର ମୁହଁକୁ କାଠରେ ତିଆରି କରୁଥିଲି। ଏଥିପାଇଁ ପ୍ରଥମେ କେତେକ କାଠକୁ ସାଇଜକରି ସେଥିରେ ଚେହେରା ଆକୃତିର ଚିତ୍ର ଅଙ୍କନକରି ତା'ଉପରେ ଖୋଦେଇ କରି ସୁନ୍ଦର ସୁନ୍ଦର କଳାକୃତି ତିଆରି କରିଥାଏ। ଯାହା ଲୋକଙ୍କୁ ବେଶ୍ ପସନ୍ଦ ଆସୁଥିଲା କିନ୍ତୁ ଅଧିକ ଓଜନ ହେଉଥିବାରୁ ଏବେ କାଠ ପରିବର୍ତ୍ତେ ଗ୍ରାହକଙ୍କ ଅର୍ଡର ଅନୁସାରେ ଅଧିକ କାଗଜମୁଖା ତିଆରି କରାଯାଉଛି। ଏହି କାଗଜ ତିଆରି ମୁଖା ତିଆରି କରିବା ପାଇଁ ପ୍ରଥମେ ମାଟିର ମଡେଲ ତିଆରି କରାଯାଏ। ତା' ପରେ କାଗଜ ଓ ତେନ୍ତୁଳିମଞ୍ଜିର ଅଠାକୁ ସେହି ମଡେଲ ଉପରେ ପରସ୍ତ ପରସ୍ତ ଲଗାଯାଇ ଛାଞ୍ଚ ବାହାର କରାଯାଏ। ଛାଞ୍ଚଟି ଖରାରେ ଶୁଖିଲା ପରେ ପୁଣି ତା' ଉପରେ ତେନ୍ତୁଳିମଞ୍ଜି ଅଠା ଓ କରତଗୁଣ୍ଡରେ ପ୍ରସ୍ତୁତ ଏକପ୍ରକାର ପ୍ରଲେପ ଲଗାଯାଏ। ଏହା ପରେ କରଣି ସାହାଯ୍ୟରେ ତାକୁ ଫିନିଶିଂ କରାଯାଇ ଖରାରେ ଶୁଖାଯାଏ। ପରେ ସେହି କଳାକୃତି ଉପରେ ବାଲିକାଗଜ ଦ୍ୱାରା ପଲିସ କରାଯାଇଥାଏ। ତା'ପରେ ପୁଣି ଏକ କାଗଜ ପରସ୍ତ ଦିଆଯାଇ ଖରାରେ ଶୁଖାଯାଇ ଖଡ଼ି ବୋଳାଯାଇଥାଏ। ଏବଂ ଶେଷରେ ଚିତ୍ର ଉପଯୋଗୀ କରାଯାଇଥାଏ। କାଗଜମୁଖାର ବିଭିନ୍ନ ଆକୃତି ଓ ସାଇଜକୁ ନେଇ ଭିନ୍ନଭିନ୍ନ ମୂଲ୍ୟରେ ବିକ୍ରି କରାଯାଇଥାଏ। ସାଧାରଣତଃ ଗୋଟିଏ କାଗଜମୁଖାର ଦାମ୍ ପ୍ରାୟ ୫୦ଟଙ୍କାରୁ ଆରମ୍ଭକରି ୩ହଜାର ଟଙ୍କା ଯାଏ ବିକ୍ରି ହୋଇଥାଏ। ଜଣେ କାରିଗର ଚାହିଁଲେ ଏହି କାଗଜମୁଖା ତିଆରି କରି ମାସକୁ ୧୫ହଜାରରୁ ୨୫ହଜାର ଟଙ୍କା ରୋଜଗାର କରିପାରିବେ। ଆମ ପରିବାରର ସମସ୍ତେ କଳାକାରିଗରିକୁ ନେଇ ଜୀବିକା ନିର୍ବାହ କରିଥାନ୍ତି। ଆମର ଏହି କାମପାଇଁ ଖୋର୍ଦ୍ଧାହସ୍ତଶିଳ୍ପ ସଂଗ୍ରହାଳୟ, ଶ୍ରୀହଟକେଶ୍ୱର ମକର ମହୋତ୍ସବ ସମେତ କେତେକ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ ହୋଇଛୁ। ଏହି କାରିଗରି ଆଜି ଆମ ପରିବାରର ପରିଚୟ ପାଲଟିଛି।

– ବନବିହାରୀ

# ମା' ମୋ ପ୍ରେରଣା

**ମା'ଙ୍କ ନୃତ୍ୟରେ ପିଲାଟି ବେଳୁ ତାଳରେ ତାଳ ମିଶାଇ ମୁଁ ନାଚିବାକୁ ଚେଷ୍ଟା କରୁଥିଲି। ଆଉ ଧୀରେ ଧୀରେ ଏହି ନିଶା ମୋତେ  ଅଭ୍ୟାସରେ ପକାଇଦେଇଥିଲା..**





**ପି**ଲାଟି ଦିନରୁ ସେ ତାଙ୍କର ମା'ଙ୍କ ଓଡ଼ିଶୀନୃତ୍ୟ ଦେଖି ଦେଖି ସେମିତି ନାଚିବାକୁ ଚେଷ୍ଟା କରୁଥିଲେ। ଆଉ ନାଚୁଥିଲେ ମଧ୍ୟ। ଯାହାକୁ ଦେଖି ତାଙ୍କ ମା' ବେଶ୍ ଖୁସି ହୋଇ ତଙ୍କ ବାପାଙ୍କୁ କହିଥିଲେ ଝିଅକୁ ନୃତ୍ୟ ଶିଖାଇବା। ଉଭୟ ମା'ଙ୍କ ପ୍ରଚେଷ୍ଟାରେ ନୃତ୍ୟ ଶିଖିବା ଆରମ୍ଭ କଲେ। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ପରିଚୟ ସୃଷ୍ଟି କରିପାରିଲେ। ସେ ହେଲେ ଅଭିପ୍ସା ପୂଜାରୀ। ଘର ଗଞ୍ଜାମ ଜିଲାର ବ୍ରହ୍ମପୁରରେ । ସେ କୁହନ୍ତି,  ସେତେବେଳେ ମୋ ମା' ଇତିଶ୍ରୀ ପଟ୍ଟନାୟକ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ଥିଲେ । ସେ ତାଙ୍କର  ଗୁରୁ ଦୟାନିଧି ଦାସ, ଗୁରୁ ଦେବ ପ୍ରସାଦ ଦାସ ଏବଂ ଗୁରୁ ପଙ୍କଜ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ଶିକ୍ଷା ଗ୍ରହଣ କରିଥିଲେ। ଅଭିପ୍ସା କୁହନ୍ତି,'ମା'ଙ୍କ ନୃତ୍ୟରେ ପିଲାଟି ବେଳୁ ତାଳରେ ତାଳ ମିଶାଇ ମୁଁ ନାଚିବାକୁ ଚେଷ୍ଟା କରୁଥିଲି। ଆଉ ଧୀରେ ଧୀରେ ଏହି ନିଶା ମୋତେ  ଅଭ୍ୟାସରେ ପକାଇଦେଇଥିଲା। କିନ୍ତୁ ସମୟକ୍ରମେ ମାଷ୍ଟର ଇନ୍ ଜର୍ନାଲିଜମ ଆଣ୍ଡ ମାସ୍ କମ୍ୟୁନିକେଶନ  ପାଠ ସାରିଲି ହେଲେ ଓଡ଼ିଶୀ ପ୍ରତି ଦୁର୍ବଳତା ଥିବାରୁ ପ୍ରଥମେ ମୋ ମା' ଏବଂ ପରେ ଗୁରୁ ପ୍ରତିଭା ପଣ୍ଡାଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିଖିଲି। ବିଧିବଦ୍ଧ ଭାବେ ୨୦୧୨ ମସିହାରୁ ପ୍ରତିଭା ପଣ୍ଡାଙ୍କ ପାଖରେ ନୃତ୍ୟ ଶିଖିବା ସହିତ ଚଣ୍ଡିଗଡ଼ଠାରେ ଥିବା ପ୍ରାଚୀନ କଳାକେନ୍ଦ୍ରରୁ ଓଡ଼ିଶୀରେ ବିଶାରଦ ସାରିଛି।  ଓଡ଼ିଶାରେ ଆୟୋଜିତ ବୈଶାଖୀ ମହୋତ୍ସବ, ଚଉଷଠି ଯୋଗିନୀ ମହୋତ୍ସବ, ମୁକ୍ତେଶ୍ୱର ମହୋତ୍ସବ ଆଦିରେ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରିପାରିଛି। ସେହିପରି ଦିଲ୍ଲୀ, କୋଲକାତା, ରାୟପୁର ଓ ଆନ୍ଧ୍ରପ୍ରଦେଶର କେତେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନକରି ବହୁପ୍ରଶଂସିତ ହୋଇଛି ।



ଜ୍ୟୋତ୍ସ୍ନା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଏମିତି ଝିଅ

ସୁକାନ୍ତ ଗୋପାଳକୁ: ତୁ କେମିତି ଝିଅକୁ ବାହା ହେବୁ?

ଗୋପାଳ: ମୁଁ ଏମିତି ଝିଅକୁ ବାହା ହେବି ଯିଏ ପରିଶ୍ରମୀ, ସରଳ ହେବା ସହ ଘରକୁ ସଜାଡ଼ିକି ରଖି ପାରୁଥିବ ଓ ଆଜ୍ଞାକାରୀ ହୋଇଥିବ।

ସୁକାନ୍ତ: ତୁ ତା'ହେଲେ ମୋ ଘରକୁ ଆସ।

ଗୋପାଳ: କାହିଁକି? ତୋ ସମ୍ପର୍କୀୟଙ୍କ ଭିତରେ ଏମିତି କେହି ଝିଅ ଅଛି କି?

ସୁକାନ୍ତ: ନା। ଏସବୁ କ୍ୱାଲିଟି ମୋ ଚାକରାଣୀର ଅଛି।

### ଯୋଗ

ଶିକ୍ଷକ ଚିଣ୍ଟୁ ଘରକୁ ଆସି: ତୁ ଏତେଦିନ ହେବ ସ୍କୁଲ କାହିଁକି ଆସୁନୁ?

ଚିଣ୍ଟୁ: ଜେଜେ ବାପା ଚାଲିଗଲେ ତ ସେଥିପାଇଁ।

ଶିକ୍ଷକ: କେମିତି ମଲେ?

ଚିଣ୍ଟୁ: ସେ ଯୋଗ କରୁଥିଲେ।

ଶିକ୍ଷକ: ଯୋଗ କରି କିଏ କ'ଣ ମରେ?

ଚିଣ୍ଟୁ: ସେଦିନ ଜେଜେବାପା ଟିଭି ଦେଖି ଦେଖି ଯୋଗ କରୁଥାନ୍ତି। ଟିଭିରେ ଥିବା ଲୋକ କହିଲେ ଶ୍ୱାସ ଭିତରକୁ ନିଅନ୍ତୁ। ମୁଁ କହିଲେ ଶ୍ୱାସ ଛାଡ଼ିବେ। ଜେଜେବାପା ଶ୍ୱାସ ଭିତରକୁ ନେଇଛନ୍ତି। କରେଣ୍ଟ ଚାଲିଗଲା, ୩ ଘଣ୍ଟା ପରେ ଆସିଲାବେଳକୁ ଜେଜେବାପା ଚାଲିଗଲେଣି।

### ରିଙ୍ଗ୍

ପ୍ରେମିକା: ଜାଣିଛ ଜାନୁ କାଲି ମୋର ବର୍ଥଡେ'।

ପ୍ରେମିକ: ସତ!

ପ୍ରେମିକା: ହଁ। ମତେ କ'ଣ ଗିଫ୍ଟ ଦେବ?

ପ୍ରେମିକ: ତମେ ଯାହା ଚାହିଁବ।

ପ୍ରେମିକା: ମତେ ଗୋଟେ ରିଙ୍ଗ୍ ଦେବ।

ପ୍ରେମିକ: ହଉ ଠିକ୍ ଅଛି ମୁଁ ରିଙ୍ଗ୍ ଦେବି। ହେଲେ ତମେ ଉଠେଇବନି। ମୋର ବାଲାନ୍ସ କମ୍ ଅଛି।

# ନିଆରା ଅନୁଭୂତିରେ ଖ୍ରୀଷ୍ଟମାସ ଭ୍ରମଣ



**ହସଖୁସିର ପର୍ବ ଖ୍ରୀଷ୍ଟମାସ ଅବସରରେ ସ୍କୁଲ ହେଉ କି ଅଫିସ ଅଧିକାଂଶଙ୍କର ଛୁଟିଥାଏ। ସେହି ଛୁଟିର ଭରପୂର ଆନନ୍ଦ ସାଙ୍ଗକୁ କିଛି ନିଆରା ଅନୁଭୂତି ସାଉଁଟିବା ପାଇଁ ଅନେକେ ଏହି ସମୟରେ କେଉଁ ଏକ ନୂଆ ଜାଗାକୁ ବୁଲିଯିବା ପାଇଁ ପ୍ଲାନିଂ କରିଥାନ୍ତି; ଯେଉଁଠାରେ ଖ୍ରୀଷ୍ଟମାସ ସେଲିବ୍ରେଶନର ମଜା ସାଙ୍ଗକୁ କିଛି ନୂଆ କଥା ଜାଣିବାର ସୁଯୋଗ ବି ଥିବା ସେମିତି କିଛି ଖାସ୍ ଖ୍ରୀଷ୍ଟମାସ ଡେଷ୍ଟିନେଶନ ସମ୍ପର୍କରେ..**






✲ **ଗୋଆ:** ଏହା ହେଉଛି ଆମ ଦେଶର ଏମିତି ଏକ ସ୍ଥାନ; ଯେଉଁଠାରେ ଖ୍ରୀଷ୍ଟମାସକୁ ବେଶ୍ ଧୁମ୍‌ଧାମ୍‌ରେ ସେଲିବ୍ରେଶନ କରାଯାଇଥାଏ। ଖ୍ରୀଷ୍ଟମାସ ଅବସରରେ ଏଠାରେ ଥିବା ଚର୍ଚ୍ଚଗୁଡ଼ିକୁ ତଥା ସମସ୍ତ ଘର ଓ ରାସ୍ତାଘାଟକୁ ଖୁବ୍ ସୁନ୍ଦର ଆଲୋକମାଳାରେ ସଜାଯାଇଥାଏ। ତା'ସହିତ ଖ୍ରୀଷ୍ଟମାସ ପୂର୍ବ ଦିନର ରାତିରୁ ଆରମ୍ଭ କରି ପରଦିନ ରାତି ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ପ୍ରକାର ସେଲିବ୍ରେଶନ୍‌ର ମଧ୍ୟ ଆୟୋଜନ କରାଯାଇଥାଏ। ଖାସ୍‌କରି ଏଠାକାର ବଲ୍‌ରୁମ୍ ଡ୍ୟାନ୍ସର କ୍ରେଜ୍ ସମସ୍ତଙ୍କ ଭିତରେ ରହିଥାଏ; ଯାହା କେବଳ ଭାରତୀୟ ପର୍ଯ୍ୟଟକଙ୍କୁ ନୁହେଁ ବିଦେଶୀ ପର୍ଯ୍ୟଟକଙ୍କୁ ବି ବେଶ୍ ଆକୃଷ୍ଟ କରେ।

✲ **ଶିଲଂ:** ମେଘାଳୟର ଶିଲଂଠାରେ ବହୁ ସଂଖ୍ୟାରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଲୋକ ରହୁଥିବାରୁ ଏଠାରେ ମଧ୍ୟ ଖ୍ରୀଷ୍ଟମାସ ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ପର୍ବ ଅବସରରେ ଏଠାକାର ସମସ୍ତ ଘର, ରାସ୍ତାଘାଟ, ଚର୍ଚ୍ଚ ଆଦିକୁ ଖୁବ୍ ସୁନ୍ଦର ଭାବେ ସଜାଯିବା ସହ ନାନାଦି ସୁସ୍ୱାଦୁ ଭୋଜନର ଆୟୋଜନ କରାଯାଇଥାଏ। ତା'ସହିତ ସ୍ଥାନେ ସ୍ଥାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ବି ଦେଖିବାକୁ ମିଳେ। ଏହାଛଡ଼ା ଖ୍ରୀଷ୍ଟମାସ ଟ୍ରିକୁ ବେଶ୍ ସୁନ୍ଦର ଭାବେ ସଜାଇବାର ଭିନ୍ନ ଏକ ପରମ୍ପରା ବି ଏଠାକାର ଅନ୍ୟତମ ଆକର୍ଷଣ ହୋଇଥାଏ।

✲ **ପୁଡୁଚେରୀ:** ଏଠାରେ ବି ବହୁସଂଖ୍ୟାରେ ଚର୍ଚ୍ଚ ଥିବାର ଦେଖିବାକୁ ମିଳେ। ତେଣୁ ଖ୍ରୀଷ୍ଟମାସ ଅବସରରେ ସେସବୁକୁ ଅତି ସୁନ୍ଦର ଭାବେ ସଜା ଯାଇଥାଏ; ଯାହା ଖୁବ୍ ଆକର୍ଷଣୀୟ ଲାଗିଥାଏ। କେବଳ ସେତିକି ନୁହେଁ, ଏହି ପର୍ବକୁ ଟିକେ ଭିନ୍ନ ଭାବେ ପାଳନ କରିବା ପାଇଁ ଏଠାକାର ଲୋକେ ପରସ୍ପରକୁ ଗିଫ୍ଟ ଦେବା ସହ ସୁସ୍ୱାଦୁ କୁକିଜ୍ ବି ବାଣ୍ଟିଥାନ୍ତି। ତା'ସହିତ ଖ୍ରୀଷ୍ଟମାସ ଟ୍ରିକୁ କିଏ କେତେ ସୁନ୍ଦର ସଜାଇପାରିବ ସେ ନେଇ ବେଶ୍ ତତ୍ପରତା ମଧ୍ୟ ଦେଖାଇଥାନ୍ତି; ଯାହାକି ପର୍ଯ୍ୟଟକଙ୍କର ମନ କିଣି ନେଇଥାଏ।

✲ **କେରଳ:** ବର୍ଷର ଯେ କୌଣସି ସମୟରେ ବୁଲିଗଲା ଭଳି ଏକ ମନୋରମ ସ୍ଥାନ ହେଉଛି କେରଳ। କାରଣ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ; ଯାହା ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏପରିକି ଖ୍ରୀଷ୍ଟମାସ ଅବସରରେ ବି ଏଠାକୁ ବୁଲିଗଲେ ନିଆରା ଆନନ୍ଦ ମିଳିଥାଏ। ଏଠାରେ ଥିବା ସମସ୍ତ ଚର୍ଚ୍ଚ ତଥା ରାସ୍ତାଘାଟ ଆଦିକୁ ସୁନ୍ଦର ଆଲୋକମାଳାରେ ସଜାଯିବା ସହ ମଧ୍ୟରାତ୍ରିରେ କାରୋଲ ଗାଇବାର ଦୃଶ୍ୟ ବେଶ୍ ମନୋରମ ଲାଗେ। ତା'ସହିତ ରାତିରେ କେରଳ ବ୍ୟାକ୍ ୱାଟର ପାଖରେ ବସି ବନ୍ ଫାୟାର୍‌ର ମଜା ନେବା ତଥା ବିଭିନ୍ନ ପ୍ରକାର ଖ୍ରୀଷ୍ଟମାସ ପ୍ଲେର ଆନନ୍ଦ ପର୍ଯ୍ୟଟକଙ୍କୁ ଏଠାରେ ନିଆରା ଆନନ୍ଦ ଦେଇଥାଏ।


✲ **କୋଲକାତା:** ଖ୍ରୀଷ୍ଟମାସ ଅବସରରେ କୋଲକାତାରେ ଆକର୍ଷଣୀୟ ସାଜସଜା ସାଙ୍ଗକୁ ଲାଇଟ୍ ଆଣ୍ଡ ସାଉଣ୍ଡ ପ୍ରୋଗ୍ରାମ୍, ରକ୍ ବ୍ୟାଣ୍ଡ ଶୋ' ତଥା ମଲ୍‌ଗୁଡ଼ିକରେ ଭଲ ଡିସ୍‌କାଉଣ୍ଟରେ କିଣାକିଣି କରିବାର ମଜା ନେବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଆଗ୍ରହ ଥିବା ଦେଖିବାକୁ ମିଳେ। ଖାସ୍ ସେଥିପାଇଁ ଏହି ବିଶେଷ ଦିବସ ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି।

✲ **ମୁମ୍ବାଇ:** ଏଠାରେ ବି ଖ୍ରୀଷ୍ଟମାସ ଅବସରରେ ପ୍ରତିଟି ମଲ୍, ମାର୍କେଟ୍ ତଥା ରାସ୍ତାଘାଟର ସ୍ଥାନେ ସ୍ଥାନେ ବେଶ୍ ଆକର୍ଷଣୀୟ ଭାବେ ସଜା ହୋଇଥିବା ଖ୍ରୀଷ୍ଟମାସ ଟ୍ରିକୁ ଦେଖିବାକୁ ମିଳିଥାଏ। ତା'ସହିତ ଚର୍ଚ୍ଚଗୁଡ଼ିକୁ ବି ଆଲୋକମାଳାରେ ସଜାଯାଇଥାଏ। ମ୍ୟୁଜିକାଲ୍ ପାର୍ଟିର ନିଆରା ଆକର୍ଷଣ ବି ଏହି ସମୟରେ ଦେଖିବାକୁ ମିଳେ।

✲ **ମନାଲି:** ପ୍ରତିବର୍ଷ ଖ୍ରୀଷ୍ଟମାସ ଅବସରରେ ଏଠାରେ ବି ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କର ସମାଗମ ହୋଇଥାଏ। କାରଣ ଏହି ସମୟରେ ଏଠାରେ ତୁଷାରପାତ ହେଉଥିବାରୁ, ପର୍ଯ୍ୟଟକ ସ୍କିଂ, ସ୍ନୋବୋର୍ଡିଂ, ବରଫର ଗୋଲା ସହ ଖେଳିବାର ମଜା ନେବା ସହିତ ବରଫରେ ଖ୍ରୀଷ୍ଟମାସ ଟ୍ରି ସଜାଇ ହ୍ୱାଇଟ୍ ଖ୍ରୀଷ୍ଟମାସ ମନାଇବାର ନିଆରା ଆନନ୍ଦ ଲଭିବାକୁ ଧାଇଁ ଆସିଥାନ୍ତି।

କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ଦିଲ୍ଲୀ, ବାଙ୍ଗାଲୋର୍, ଚେନ୍ନାଇ, ଶିମ୍‌ଲା, ସିକ୍କିମ୍ ଆଦି ସ୍ଥାନକୁ ବୁଲିଯାଇ ମଧ୍ୟ ଖ୍ରୀଷ୍ଟମାସ ଛୁଟିର ଭରପୂର ମଜା ନେଇପାରିବେ।







# କାହିଁକି ସଜାଯାଏ କ୍ରିସ୍‌ମସ୍ ଟ୍ରି



**ଖ୍ରୀଷ୍ଟଧର୍ମରେ କ୍ରିସ୍‌ମସ୍‌କୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଏହିଦିନକୁ ପ୍ରଭୁ ଯୀଶୁଙ୍କ ଜନ୍ମଦିବସଭାବେ ପାଳନ କରାଯାଏ। ତେଣୁ ଏହିଦିନକୁ ଖ୍ରୀଷ୍ଟଧର୍ମର ଲୋକେ ବର୍ଷସାରା ଅପେକ୍ଷା କରି ରହିଥାନ୍ତି। ଏହିଦିନ ଲୋକେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ କେକ୍ କାଟନ୍ତି, ଉପହାର ପ୍ରଦାନ କରନ୍ତି ଓ କ୍ରିସ୍‌ମସ୍ ଟ୍ରିକୁ ସଜାନ୍ତି। କ୍ରିସ୍‌ମସ୍‌ରେ କ୍ରିସ୍‌ମସ୍ ଟ୍ରିର ମହତ୍ତ୍ୱ ଢେର ଥାଏ। ତେଣୁ ଏହାକୁ ଖୁବ୍ ସୁନ୍ଦରଭାବେ ଫୁଲ, ଖେଳଣା, ଘଣ୍ଟି, ରଙ୍ଗବେରଙ୍ଗ ଲାଇଟ୍ ଆଦିରେ ସଜାଯାଏ। ତେବେ ଜାଣନ୍ତି କି କ୍ରିସ୍‌ମସ୍‌ରେ କ୍ରିସମସ୍ ଟ୍ରିକୁ କାହିଁକି ସଜାଯାଏ?**
**ଜାଣନ୍ତୁ ସେ ସମ୍ପର୍କରେ...**

ସୁସଜ୍ଜିତ କ୍ରିସ୍‌ମସ୍ ଟ୍ରି କ୍ରିସ୍‌ମସ୍‌ର ପ୍ରମୁଖ ଆକର୍ଷଣ ସାଜିଥାଏ। ତେବେ ଏହା କେବଳ ଏକ ଡେକେରେଟିଭ୍ ସାମଗ୍ରୀ ନୁହେଁ ବରଂ ଏହାର ମହତ୍ତ୍ୱ ବହୁତ ରହିଛି। ଖ୍ରୀଷ୍ଟଧର୍ମରେ ଏହାକୁ ଜୀବନର ନିରନ୍ତରତାର ପ୍ରତିକ ଭାବେ ଗ୍ରହଣ କରାଯାଏ। ଏହାବାଦ ଏହାକୁ ପ୍ରଭୁ ଯୀଶୁଙ୍କ ଆଶୀର୍ବାଦଭାବେ ମଧ୍ୟ ଦେଖାଯାଇଥାଏ। ଲୋକ ବିଶ୍ୱାସ ଏହାବି ଅଛି ଯେ, କ୍ରିସ୍‌ମସ୍ ଟ୍ରି ସଜାଇଲେ ପିଲାଙ୍କ ପରମାୟୁ ବଢେ। ତେଣୁ ଲୋକେ ବେଶ୍ ଖୁସିମନରେ କ୍ରିସମସ୍ ଟ୍ରି ସଜାନ୍ତି। ଏହି ବୃକ୍ଷ ପଛରେ କିଛି ଇତିହାସ ମଧ୍ୟ ଜଡ଼ିତ ଅଛି। କୁହାଯାଏ କ୍ରିସମସ୍ ଟ୍ରିର ଆରମ୍ଭ ଷୋଡ଼ଶ ଶତାବ୍ଦିରେ ଖ୍ରୀଷ୍ଟଧର୍ମ ସୁଧାରକ ମାର୍ଟିନ ଲୁଥର ଆରମ୍ଭ କରିଥିଲେ। ଥରେ ଡିସେମ୍ବର ୨୪ ତାରିଖର ଏକ ସନ୍ଧ୍ୟା ସମୟରେ ସେ ବରଫାବୃତ୍ତ ଜଙ୍ଗଲ ଦେଇ ଯାଉଥାନ୍ତି। ସେତେବେଳେ ସେ ଏକ ପାଇନ୍ ଗଛ ଦେଖିଲେ। ସେହି ଗଛର ଡାଳଗୁଡିକ ରୁପା ପରି ଚମକୁଥାଏ।ଏହାପରେ ମାର୍ଟିନ ଲୁଥର ନିଜ ଘରେ ଏକ ପାଇନ ଗଛ ଲଗାଇଲେ। ଆଉ ତାକୁ ଛୋଟ ଛୋଟ କ୍ୟାଣ୍ଡେଲରେ ସଜାଇଲେ। ଏହାପରେ ସେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ମଧ୍ୟ ପ୍ରଭୁ ଯୀଶୁଙ୍କ ସମ୍ମାନରେ



ପାଇନ ଗଛକୁ ସଜାଇଥିଲେ। ଓ ଗଛକୁ କ୍ୟାଣ୍ଡେଲ ଆଲୋକରେ ଆଲୋକିତ କରିଥିଲେ। କ୍ରିସମସ୍ ଟ୍ରିକୁ ନେଇ ଆଉ ଏକ ମାନ୍ୟତାନୁସାରେ କୁହାଯାଏ କ୍ରସମସ୍ ଟ୍ରି ସଜାଇବା ପରମ୍ପରା ସର୍ବପ୍ରଥମେ ଜର୍ମାନୀରେ



ଆରମ୍ଭ ହୋଇଥିଲା। ଏକଦା ଜର୍ମାନୀର ସେଣ୍ଟ ବୋନିଫେସ୍ ଖବର ପାଇଲେ ଯେ, କିଛି ଲୋକ ବିଶାଳ ଓକ୍ ଗଛ ତଳେ ଏକ ଶିଶୁର ବଳୀ ଦେବାକୁ ଯାଉଛନ୍ତି। ଏହି ଖବର ମିଳିବାମାତ୍ରେ ବୋନିଫେସ୍ ପିଲାଟିକୁ ବଞ୍ଚାଇବା ଲାଗି ସେହି ଓକ୍ ଗଛକୁ କାଟିଦେଲେ। ତେବେ ଆଶ୍ଚର୍ଯ୍ୟର କଥା କିଛିଦିନ ପରେ ସେହି ଓକ୍ ଟ୍ରିରଚେରରୁ ଏକ ଫିର୍ ଟ୍ରି ହେଲା। ଲୋକେ ସେହି ଗଛକୁ ଚମତ୍କାରୀ ବୋଲି ମଣିଲେ। ସେଣ୍ଟ ବୋନିଫେସ୍ ସେହି ବୃକ୍ଷକୁ ପବିତ୍ର ଦିବ୍ୟ ବୃକ୍ଷ ବୋଲି କହିଲେ। ଯାହାର ଡ଼ାଳ ସ୍ୱର୍ଗକୁ ସଙ୍କେତ କରୁଛି। ବିଶ୍ୱାସ କରାଯାଏ ସେବେଠାରୁ ସେହି ଗଛକୁ ପ୍ରତିବର୍ଷ ପ୍ରଭୁ ଯୀଶୁଙ୍କ ଜନ୍ମଦିବସ ଅବସରରେ ସଜାଯାଉଛି।



# ପବନରେ ଭାସୁଛି କି ଡ଼ଙ୍ଗା!


ଏଇ ଫଟୋକୁ ଦେଖିଲେ ଭାବୁଥିବେ ଡ଼ଙ୍ଗାଟି ପବନରେ ଭାସୁଛି। ଆଶ୍ଚର୍ଯ୍ୟ ଲାଗୁଥିବ ଏହା କେମିତି ସମ୍ଭବ ବୋଲି। ହେଲେ ପ୍ରକୃତ କଥା ସେଇୟା ନୁହେଁ। ଡ଼ଙ୍ଗାଟି ପବନରେ ଭାସୁନାହିଁ। ବରଂ ନଦୀର ଜଳରେ ଭାସୁଛି। ଯେଉଁ ନଦୀରେ ଡ଼ଙ୍ଗାଟି ଭାସୁଛି ତାହା ଏତେ ସ୍ୱଚ୍ଛ ଯେ, କାଚ ଭଳି ଲାଗେ। ନଦୀ ଭିତରର ସବୁକିଛି ତଥା ନଦୀଶଯ୍ୟା ସ୍ପଷ୍ଟ ଦେଖାଯାଏ। ତେଣୁ ଡ଼ଙ୍ଗାଟି ଜଳ ଉପରେ ଭାସମାନ କରୁଥିବା ପରି ଦେଖା ନ ଯାଇ ପବନରେ ଭାସୁଥିବା ପରି ଭ୍ରମ ସୃଷ୍ଟି ହୁଏ। ଏହି ନଦୀର ନାମ ହେଉଛି ଦାଓ୍ୱକୀ ନଦୀ। ଏହା ଉମଁଗୋଟ ନଦୀ ନାମରେ ବି ପରିଚିତ। ଏହା ମେଘାଳୟରେ ଅଛି। ଉକ୍ତ ନଦୀ ଏସିଆର ସବୁଠାରୁ ସ୍ୱଚ୍ଛ ନଦୀଭାବେ ପରିଚିତ। ୨୦୦୩ରେ ଏସିଆର ସବୁଠାରୁ ସ୍ୱଚ୍ଛ ଗାଁର ମାନ୍ୟତା ପାଇଥିବା ମୌଲିନାଙ୍ଗ ଗାଁରେ ଏହା ଅଛି। ଏହି ଗାଁ ଯେମିତି ସଫା, ଏଠାକାର ଗାଁ ଲୋକେ ଉକ୍ତ ନଦୀକୁ ବି ସେମିତି ସଫା ରଖିଛନ୍ତି। ସେଥିପାଇଁ ଏହା ଏଠାକାର ପ୍ରମୁଖ ପର୍ଯ୍ୟଟନସ୍ଥଳ ପାଲଟିଛି। ତେବେ ଅଧିକ ପର୍ଯ୍ୟଟକ ଆସୁଥିବାରୁ ନଦୀ ଅପରିଷ୍କାର ହେବାର ବି ଭୟ ରହିଛି। ତଥାପି ଗାଁ ଲୋକେ ଚେଷ୍ଟା କରୁଛନ୍ତି ଯେମିତିକି ନଦୀ ସଫା ରହିବ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ହାପି ନ୍ୟୁ ଇଅର ଟୁ ୟୁ




ନୂଆବର୍ଷ ଆସିଲେ ଯୋଜନାପ୍ରିୟ ମଣିଷ ଅନେକଗୁଡ଼ିଏ ଯୋଜନାର ସ୍ୱପ୍ନ ଦେଖିବା ଆରମ୍ଭ କରିଦିଏ। ଏହା ଭିତରେ ଏକ ପ୍ରମୁଖ କାମ ହେଲା ନୂଆବର୍ଷର ରିଜୋଲ୍ୟୁଶନ ବା ସଂକଳ୍ପ । ପ୍ରତିବର୍ଷ ନୂଆବର୍ଷ ଆସିଲେ କିଏ ଗୁଟ୍‌ଖା ତ କିଏ ମଦ ଛାଡ଼ିବା ପାଇଁ ସଙ୍କଳ୍ପ ନିଏ। କିଏ ସାମାଜିକ ଗଣମାଧ୍ୟମରୁ ନିବୃତ୍ତ ରହିବା ପାଇଁ ସଂକଳ୍ପ ନିଏ ତ କିଏ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ପ୍ରାତଃ ଭ୍ରମଣ କରିବା ପାଇଁ ନିଷ୍ପତ୍ତି ନିଏ। ସଂକଳ୍ପମାନଙ୍କ ଏକ ଲମ୍ବା ଲିଷ୍ଟ ତିଆରି ହେଇଯାଏ। ଗତବର୍ଷ ନେଇଥିବା ସଂକଳ୍ପ ମଧ୍ୟରୁ ଗୋଟିଏ ବି ପୂରା ହୋଇ ନ ଥିବା ବେଳେ ଏ ବର୍ଷ ଯେମିତି ତାହାର ପୁନରାବୃତ୍ତି ନ ହୁଏ ସେଥିପାଇଁ ମଧ୍ୟ ଗୋଟିଏ ନୂଆ କିସମର ସଂକଳ୍ପ ତାଲିକା ସହ ଯୋଡ଼ାଯାଏ। କିନ୍ତୁ ପ୍ରତି ବର୍ଷ ନିଆଯାଇଥିବା ସଂକଳ୍ପ ଭଳି କିଛିଦିନ ପରେ ଯଥା ପୂର୍ବଂ ତଥା ପରମ୍। ୯୯.୯ ଭାଗ ସଂକଳ୍ପର ଅବସ୍ଥା ନେତାଙ୍କ ନିର୍ବାଚନୀ ଭାଷଣରେ ଦିଆଯାଇଥିବା ପ୍ରତିଶ୍ରୁତି ଭଳି ହୋଇଥାଏ। ଯେବେଠୁ ଫେସବୁକ ହ୍ୱାଟ୍ସଆପ ଭଳି ସାମାଜିକ ଗଣମାଧ୍ୟମର ପ୍ରଭାବ ଲୋକଙ୍କ ଉପରେ ଅଧିକ ପଡ଼ିଲାଣି ସେବେଠୁ ଏକ ନୂଆ କଥା ଦେଖିବାକୁ ମିଳୁଛି। ଆମେ ଯାହା ଚିନ୍ତା କରୁଛୁ କି ଯାହା କରିବାକୁ ଚାହୁଁଛୁ ତାକୁ ସର୍ବ ସମ୍ମୁଖରେ ଢୋଲ ପିଟି ଜଣେଇବାକୁ ପସନ୍ଦ କରୁ। ନୂଆବର୍ଷ ପୂର୍ବରୁ ବେଶ୍ କିଛି ଲୋକ ସେମାନଙ୍କ ନୂଆବର୍ଷ ରିଜୋଲ୍ୟୁଶନ ବା ସଂକଳ୍ପ ବିଷୟରେ ଆଗୁଆ ସର୍ବସାଧାରଣରେ ଜଣେଇ ଦିଅନ୍ତି। ଭଲ କଥା। ଅନ୍ତତଃ ଅନ୍ୟମାନେ ସେ ସବୁ ଆଉ ନ ଦୋହରେଇ କିଛି ନୂଆ କଥା ଲେଖନ୍ତି। ଲେଖିବା ଲୋକ ଜାଣେ ଓ ପଢ଼ିବା ଲୋକ ଜାଣେ ଏ ସବୁ ଧୂଆଁବାଣ। ନୂଆବର୍ଷ ସଂକଳ୍ପର କିଛି ମୂଲ୍ୟ ନ ଥାଏ। ଅଳ୍ପଦିନ ପରେ ପୁଣି ସେଇ ପୁରୁଣା ଜୀବନ ଚାଲିବ।

ବଡ଼ଦିନ ଓ ନୂଆବର୍ଷ ଆସିଲେ ଆଉ ଏକ ବିଶେଷ କଥା ଦେଖିବାକୁ ମିଳେ। ତାହାହେଲା ଶୁଭେଚ୍ଛା ବାର୍ତ୍ତା। ପରିବା ଦୋକାନୀଠାରୁ ନେଇ କେବେ ଥରେ ବସରେ ସହଯାତ୍ରୀ ଥିବା ଲୋକର ଶୁଭେଚ୍ଛା ବାର୍ତ୍ତା ଆସେ। କେତେକ ଲୋକ ଏଥିପାଇଁ ବଡ଼ଦିନର ସପ୍ତାହକ ପୂର୍ବରୁ ଭଲ ଭଲ ଶୁଭେଚ୍ଛା ବାର୍ତ୍ତା, ଫଟୋ ଭିଡିଓ ସଂଗ୍ରହରେ ଲାଗିପଡ଼ନ୍ତି । ଏଇଟା ସତ, ଲୋକଙ୍କ ଶୁଭେଚ୍ଛା ଯେତେ ମିଳିଲେ ବି କାହାର ଭାଗ୍ୟ ପରିବର୍ତ୍ତନ ହୁଏ ନାହିଁ । ତଥାପି ଲୋକ ଅନ୍ୟକୁ ଶୁଭେଚ୍ଛା ଜଣେଇବାକୁ ଭୁଲନ୍ତି ନାହିଁ । ଅନ୍ୟ କାହା କଥା କହିପାରିବି ନାହିଁ ହେଲେ ମୋର ତ ଆଜି ଯାଏ ହେଇନି। ବରଂ ନୂଆବର୍ଷର ପ୍ରଥମ ସପ୍ତାହ ପ୍ରାୟ ସମୟ ମୋର ଫୋନ ଷ୍ଟୋରେଜ ସଫା କରିବାରେ ଯାଏ। ଭିଡିଓ, ଫଟୋ ମିଶେଇ ଏତେ ମାତ୍ରାରେ ଶୁଭେଚ୍ଛା ଆସେ ଯେ ଫୋନ ମେମୋରି ଭର୍ତ୍ତି ହୋଇ ବିସ୍ଫୋରଣ ସ୍ଥିତିକୁ ଆସିଯାଏ। କାହାର ଶୁଭେଚ୍ଛାରେ କିଏ ଖୁସି ହେବା ପରିବର୍ତ୍ତେ ମନେ ମନେ ଗାଳି କରୁଥାଏ। ଆରେ ଭାଇ ଯଦି ଶୁଭେଚ୍ଛା କି ଅଭିନନ୍ଦନ ବାର୍ତ୍ତାରେ କାହାର ଭାଗ୍ୟ ଭଲ ହୋଇଯାଉଥାଏ ତେବେ ଭାରତ ବର୍ଷ କେବେଠୁ ବିଶ୍ୱର ଏକ ନମ୍ବର ଦେଶ ହୋଇସାରନ୍ତାଣି ଆଉ ମୁଁ ନିଜେ ଲକ୍ଷ୍ମୀ ମିତ୍ତଲ। ଏକ ବିଶେଷ ସୂତ୍ରରୁ ଜଣାଯାଇଛି ଗୁଡ୍ ମର୍ନିଂ ଗୁଡ୍ ନାଇଟ୍ ଓ ବିଶେଷ ପର୍ବ ପର୍ବାଣିରେ ଶୁଭେଚ୍ଛା ବାର୍ତ୍ତା ପଠେଇବାରେ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନ ନେଇଛି। ଏଠି ଗରିବରୁ ଅତି ଗରିବ ଲୋକ ଅନ୍ୟକୁ ଧନ ଜନ ଗୋପ ଲକ୍ଷ୍ମୀରେ ଭରପୂର ହେବାକୁ ଶୁଭେଚ୍ଛା ଜଣାଏ । ପାଇଥିବା ଲୋକ ବି 'ସେମ୍ ଟୁ ୟୁ'ରେ ଶୁଭେଚ୍ଛା ଜଣେଇବାରେ ହେଳା କରେନାହିଁ । କିଏ କିଏ ତ ପଞ୍ଚଫଣା ନାଗ ସାପର ଫଟୋ ଦେଇ ଧମକାଇ ଥାଏ ସେଆର କଲେ ଧନ ଘରେ କୁଢେଇ ହୋଇଯିବ ନ ହେଲେ ଘରୁ ମୁଣ୍ଡ ଯିବ। ପଞ୍ଚମୁହାଁ କଥା ଆସିବାରୁ ମନକୁ ଆସିଲା ଜ୍ୟୋତିଷଙ୍କ କଥା। ନୂଆବର୍ଷ ଆସିଲେ କୁଆଡ଼େ ଥାନ୍ତି ହଠାତ୍ ଅନେକ ଜ୍ୟୋତିଷଙ୍କ ଆବିର୍ଭାବ ଘଟେ । ରାଶି ଅନୁଯାୟୀ ନୂଆବର୍ଷ କାହା ପାଇଁ ଶୁଭ କାହା ପାଇଁ ଅଶୁଭ ହେବା ସହ ସେଥିରୁ ଲାଭ ପାଇବା ପାଇଁ ସୂକ୍ଷ୍ମ ଓ ସରଳ ଉପାୟ ବି ବତାନ୍ତି । ସବୁ ରାଶିରେ ସମାନ ଫଳ ଘୋଷଣା କରୁଥିବା ଜ୍ୟୋତିଷମାନେ କେତେ କେତେ ଅଭିନବ ଉପାୟ ବତେଇଥାନ୍ତି ଧନ, ମାନ, ସ୍ୱାସ୍ଥ୍ୟ, ପ୍ରେମ ଆଦିର ସଫଳତା ହାସଲ କରିବାକୁ ନୂଆ ବର୍ଷରେ। ଥରେ ଜଣେ ଜ୍ୟୋତିଷ କହିଲେ, ଯାହାଙ୍କ ରାଶିରେ ଶନିଦଶା ଅଛି ସେମାନେ ପଞ୍ଚମୁଖୀ ହନୁମାନଙ୍କ ପାଖରେ ମାନସିକ ନଡ଼ିଆ ବସାନ୍ତୁ। ଯାହା ଜଣାପଡୁଛି ବେଶ୍ କିଛି ବର୍ଷ ହେଲା ଶନି ଦେବତାଙ୍କ ବିଭାଗ ପ୍ରାୟତଃ ପ୍ରଭାବଶୂନ୍ୟ ବା ନିଷ୍କ୍ରିୟ ହେଇଯାଇଛି। ଧରା ପୃଷ୍ଠରେ ଯେତେ ପାପୀ ଥିଲେ ସମସ୍ତେ ଠାକୁରଙ୍କ ପାଖରେ ନଡ଼ିଆ ଥୋଇ ଖୁସିରେ ବୁଲୁଛନ୍ତି । ଏମିତି ଚାଲିଲେ ଇନ୍ଦ୍ରଦେବ କେଉଁଦିନ ତାଙ୍କୁ ଛଟେଇ କରି ତାଙ୍କ ବିଭାଗ ବନ୍ଦ କରିଦେବେ ସେଇ ଚିନ୍ତାରେ ଏବେ ଖୋଦ୍ ଶନି ଦେବ। ତାଙ୍କ ନିଜ ମହାଦଶା କାଟିବା ପାଇଁ ଶନିଦେବ ଏବେ କେଉଁ ମନ୍ଦିରରେ ମାନସିକ ନଡ଼ିଆ ଥୋଇବେ ସେ କଥା ଚିନ୍ତା କଲେଣି। ଧନ୍ୟ ଜ୍ୟୋତିଷ ବାବା। ତୁମେ ଈଶ୍ୱରଙ୍କ ସବୁ ଗଣିତ ଫେଲ କରିଦେବ।

ଗତବର୍ଷ ଏଇ ନୂଆବର୍ଷ ସମୟର କଥା। ସକାଳୁ ସକାଳୁ ବାପ ଘରକୁ ଯାଇଥିବା ପତ୍ନୀଙ୍କ ଫୋନ ଆସିଲା କହିଲେ କ'ଣ ସବୁ ଶୁଣିଲଣି ନା ନାହିଁ ମାଳିକା କହିଛି ଏହି ବର୍ଷ ପୃଥିବୀ ପୃଷ୍ଠରୁ ପ୍ରଥମେ ସବୁ ମିଛୁଆ ନିପାତ ହେବେ। (କିରେ ମିଛୁଆମାନେ ମଶା କ'ଣ ଯେ ତୁମେ ଲିମ୍ବ ପତ୍ର ଧୂଆଁ ଦେଇ ନିପାତ କରିବ ! ) ପତ୍ନୀ ସେପଟୁ କହୁଥିଲେ, ତୁମେ ତ ମିଛ କହିବାରେ ପୃଥିବୀର ସବୁ ରେକର୍ଡ ଭାଙ୍ଗି ଦେଇଛ। ବୋଉ କହୁଛି(ମୋ ଶାଶୂ) ମୁକ୍ତି ମଣ୍ଡପରେ ବ୍ରାହ୍ମଣ ଭୋଜନ ଦେ ଆଉ ଗାଁ ଦିଅଁଙ୍କ ପାଖରେ କୁକୁଡ଼ା ମାନସିକ କର ଗ୍ରହ ରିଷ୍ଟ କଟିବ। ପୂଜା ଖର୍ଚ୍ଚ ପାଇଁ ଶୀଘ୍ର ଫୋନ ପେ'ରେ ପାଞ୍ଚ ହଜାର ଟଙ୍କା ପଠାଅ। ମୁଁ କହିଲି, ଏ ବେକାର କଥା ମାଳିକା ନୁହେଁ ତୁମ ପୁରୀ ଦେଉଳ ପଣ୍ଡା କହିଛନ୍ତି। ଏ ସବୁ ବେକାର କାମ ପାଇଁ ମୋ ପାଖରେ ଟଙ୍କାଟିଏ ବି ନାହିଁ। ସେପଟୁ ଉତ୍ତର ଆସିଲା– ହେ ଭଗବାନ ନୂଆବର୍ଷ ସକାଳଟାରୁ ପୁଣି ମିଛ କଥା କହୁଛ, ତୁମ ପାଖରେ ବିଲକୁଲ ଟଙ୍କାଟିଏ ବି ନାହିଁ ! ଏତେ ମିଛରୁ ତୁମକୁ କୋଉ ମୁକ୍ତିମଣ୍ଡପ ବି ରକ୍ଷା କରିପାରିବନି। ମୋ କଥା ଛାଡ଼ ପିଲାମାନଙ୍କ କଥା ତ ଟିକେ ଭାବ। ତମରିମାନଙ୍କ ପାଇଁ ଯାହା ମୁଁ ଏତେ ଦହଗଞ୍ଜ ହେଉଛି । 'ମୁଁ କହିଲି, ଥାଉ ଆଉ ଅଧିକା ବକ ବକ ହୁଅନି, ମୁଁ ଗୋଟେ ସିରିଅସ କଥା ଚିନ୍ତା କରୁଥିଲି ସବୁ ମୁଡ଼ ଖରାପ କରିଦେଲ।' ପତ୍ନୀ କହିଲେ ,'ମୁଁ ଠିକ ଜାଣିଚି ତମେ ସେଠି ବସି କାହା କଥା ଭାବୁଛ।' ସେପଟୁ ଫୋନ କଟିଗଲା। ବିଶ୍ୱାସ ନ ଥିଲେ ବି କାହିଁକି କେଜାଣି ମନକୁ ପାପ ଛୁଇଁଲା । ଯଦି ସେ ମୁକ୍ତିମଣ୍ଡପ ଯିବେ ନାହିଁ ତେବେ କୌଣସି ମୁହୂର୍ତ୍ତରେ ବି ଗ୍ରହ ମୋତେ ମାଡିବସିପାରେ। ପୁରୀ ପଣ୍ଡାଙ୍କ କଥା କେବେ ବି ଅନ୍ୟଥା ହୋଇ ନ ଥାଏ। ଅତୀତରେ ଘଟି ଯାଇଥିବା କେତେ ପ୍ରସିଦ୍ଧ ଘଟଣା ତା'ର ପ୍ରମାଣ।

ତେଣୁ ବନ୍ଧୁମାନେ ମୋ କଥାକୁ ହସକଥା ଭାବି ଉଡ଼େଇ ଦେଲେ ତୁମ ବିପଦ କେହି ମୁଣ୍ଡେଇବେନି । ମୋବାଇଲ ଫୋନରେ ଆସୁଥିବା ଶୁଭକାମନା ବାର୍ତ୍ତାକୁ ଭରସା କରି ରହିଲେ ପରେ ପସ୍ତେଇବା ସାର ହେବ। କାରଣ କେବଳ ଶୁଖିଲା ଶୁଭେଚ୍ଛା ବାର୍ତ୍ତାରେ ଭାଗ୍ୟ ପରିବର୍ତ୍ତନ ହେବ ନାହିଁ । ଯଦି ଭଲ ଗତି ଅଛି ତେବେ ଶୀଘ୍ର ପଞ୍ଚମୁଖୀ ହନୁମାନଙ୍କ ପାଖରେ ମାନସିକ ନଡ଼ିଆ ବସାଅ, ବଡ଼ଦେଉଳରେ ବାନା ଉଡାଅ, ରୁଦ୍ରାଭିଷେକ କର, ସତ୍‌ସଙ୍ଗ କର, କାଙ୍ଗାଳୀ ଭୋଜନ ଦିଅ। ତା'ପରେ ଯାଇ ହାପି ନ୍ୟୁ ଇଅର। ମୁଁ ହାପି କହିଲେ କାହା ଭାଗ୍ୟ ହାପି ହେବାର ପ୍ରମାଣ ନାହିଁ, ତଥାପି ସୌଜନ୍ୟ ଦୃଷ୍ଟିରୁ ଆଗୁଆ ଜଣେଇ ଦେଲି ଆଗକୁ ଆପଣଙ୍କୁ ସେହି ଈଶ୍ୱର ଭରସା।

*–ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଦୀର୍ଘ କବିତା
### ଗୋଲାମ୍ ଦାସ୍

**ଲେଖକ– ଡକ୍ଟର ନୃସିଂହ ଷଡ଼ଙ୍ଗୀ**
**ସୋନମ୍ ପ୍ରକାଶକ, ବାଦାମବାଡି, କଟକ, ମୂଲ୍ୟ–୨୬୦ଟଙ୍କା**


'ଗୋଲାମ୍ ଦାସ୍' ପୁସ୍ତକରେ ୫୫ ପର୍ବ ପ୍ରକାଶିତ। ଯାହା ଦୀର୍ଘ କବିତାର ସମାହାର। ଆଘାତ, ମିଥ୍ୟାଚାର, ଛଳନା ଓ ପ୍ରତାରଣାର ପ୍ରହସନରୁ ଗୋଲାମ ଦାସର ଜନ୍ମ। ମଣିଷ ପଣିଆର ନିଆରା ଅବକ୍ଷୟର ରାଜଯକ୍ଷ୍ମାରେ ପୀଡିତ ଗୋଲାମ୍ ଦାସ୍– ଏକ ପ୍ରତୀକ, ଏକ ଚିତ୍ରକଳ୍ପ, ଏକ ରୂପକଳ୍ପ । ତା'ର ପ୍ରତିଟି ସ୍ୱପ୍ନରେ ଅଛି ପରିବର୍ତ୍ତିତ, ବିବର୍ତ୍ତିତ ଓ ମହାଚୈତନିକ ସ୍ୱାର୍ଥସ୍ନାନର ଝଲକ। ଯେଉଁଠି ଅନେକ ଚରିତ୍ର ନିଜକୁ ଏକାପରି ପାଇବେ। କୌଣସି ଇଚ୍ଛାକୃତ ଓ ନିର୍ଦ୍ଦିଷ୍ଟ ଚରିତ୍ର ତିଆରି କରି ଗୋଲାମ୍ ଦାସ୍ ରୂପେ ଏଠି ଉଭା କରାଯାଇନି ; ବରଂ ଗୋଲମ ଦାସ ତା'ର ବିଶ୍ୱାସଘାତକତା ସ୍ୱାର୍ଥ ବୃତ୍ତି, ନିଜ ମାନସିକତା–ପୈଶାଚିକ ଆନନ୍ଦବୋଧ ପାଇଁ ଆପେ ଆପେ ଉତ୍ତରି ଆସିଛି –ଗୋଲାମ୍ ଦାସ୍‌ର ସମୁଦାୟ କବିତା କାନ୍‌ଭାସ୍‌କୁ।




### ଦେହ ବିଦେହ

**ସୁଶାନ୍ତ କୁମାର ନାୟକ, ପ୍ରକାଶକ– ଅପୂର୍ବା**
**ଭୁବନେଶ୍ୱର–୧, ମୂଲ୍ୟ–୨୦୦ଟଙ୍କା**

'ଦେହ ବିଦେହ' ସୁଶାନ୍ତ କୁମାର ନାୟକଙ୍କ କବିତା ପୁସ୍ତକ । ଏଥିରେ ପ୍ରକାଶିତ କବିତାଗୁଡିକ ପ୍ରତିଦିନ ଆମେ ଭେଟୁଥିବା ଚରିତ୍ରମାନଙ୍କୁ ନେଇ ଚିତ୍ରିତ ହୋଇଛି। ଜୀବନର ସାୟାହ୍ନରେ ମଣିଷର ଦାୟିତ୍ୱ କିପରି ବଢି ବଢି ଚାଲିଛି ସେ ଉପରେ କବି ସୁଶାନ୍ତଙ୍କ କଲମ ଶାଣିତ ହୋଇଛି। କବିତାଗୁଡିକରେ ଖଟିଖିଆ, ମେହନତି ମଣିଷର ପେଟପାଟଣା କଥା ଯେଭଳି ଭାବେ ବର୍ଣ୍ଣନା କରିଛନ୍ତି ତାହା ହୃଦୟସ୍ପର୍ଶୀ। ଏଠାରେ କେତେକ କବିତାକୁ ଉଦାହରଣ ଭାବେ ନିଆଯାଇ ପାରେ। ଜାତି ଗୋଟିଏ, ଧର୍ମ ଗୋଟିଏ, ରଙ୍ଗ ଗୋଟିଏ, ଗୋଟିଏ ସଂସାର, ଗୋଟିଏ ବିଶ୍ୱ। କବି ସୁନ୍ଦର ଭାବେ ବର୍ଣ୍ଣନ କରୁଛନ୍ତି ମଣିଷ ଏକ ବୋଲି। ଯାହା ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା।




### ଏକ ଅପହୃତ କଳିଂବେଲ୍‌ର ସମାଧି

**ଡ.ଲଲାଟେନ୍ଦୁ ସାହୁ**
**ପ୍ରକାଶକ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**
**ବିନୋଦ ବିହାରୀ, କଟକ–୨, ମୂଲ୍ୟ–୨୦୦ଟଙ୍କା**

'ଏକ ଅପହୃତ କଳିଂବେଲ୍‌ର ସମାଧି' ଡ.ଲଲାଟେନ୍ଦୁ ସାହୁଙ୍କ ଗପ ପୁସ୍ତକ। ଏଥିରେ ୭ଟି ଗପ ରହିଛି। ପ୍ରଥମ ଗପ 'ଦରପୋଡା ଆତ୍ମା' ଥିବା ବେଳେ ଶେଷ ଗପଟି 'ଶବର ମୃତ୍ୟୁ' ରହିଛି । ପ୍ରଥମ ଗପରେ ଲେଖକ ମାଧେଇ ନଦୀ କଥା ବର୍ଣ୍ଣନା କରିଛନ୍ତି । ସେହିପରି ଗାଁ ଟୋକାମାନେ ହାକିମ ହୋଇ ଗାଡି ମୋଟର ଚଳେଇ କିପରି ଘରକୁ ଆସୁଛନ୍ତି ସେ କଥା କହିଛନ୍ତି । କାହା ଘରୁ ଚୋରି ହେଲେ ହରିବୋଲ ପଡେ ନ ହେଲେ ଖଟ ବୁଲେ। ଶେଷରେ କିଭଳି ହବିଷ୍ୟାଳି ମା'ର ମୃତ୍ୟୁକୁ ନେଇ ଶେଷ କରିଛନ୍ତି ତାହା ଚମତ୍କାର । ଜୀବନ ଦୁଃଖମୟ ନୁହେଁ କାହାଣୀମୟ। ମଣିଷ ଜୀବନ ଆଉ ସମ୍ପର୍କର ନୂଆ ପରିଭାଷା ଏ ସଂକଳନରେ ପ୍ରତିଫଳିତ ହୋଇଛି।



# ଦାଢ଼ିକୁ ସଜାଇଲେ କ୍ରିସ୍‌ମସ୍ ଟ୍ରି ପରି

କ୍ରିସ୍‌ମସ୍‌ରେ ବେଶ୍ ସୁନ୍ଦରଭାବେ ସଜାଯାଏ କ୍ରିସ୍‌ମସ୍ ଟ୍ରି। ନାନା ପ୍ରକାରର ଡେକୋରେଟିଭ ସାମଗ୍ରୀରେ କ୍ରିସ୍‌ମସ୍ ଟ୍ରି ଝଲସୁଥାଏ। ତେବେ ଆମେରିକା, ଇଦାହୋର ଜୋଏଲ ଷ୍ଟ୍ରେସର୍ ନାମକ ଜଣେ ବ୍ୟକ୍ତି କ୍ରିସ୍‌ମସ୍ ଟ୍ରି ପରିବର୍ତ୍ତେ ନିଜର ଦାଢ଼ିକୁ କ୍ରିସ୍‌ମସ୍ ଟ୍ରି ଭାବେ ସଜାଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସେ ନିଜ ଦାଢ଼ିରେ ସବୁଠାରୁ ବେଶି ଅର୍ଥାତ୍ ୭୧୦ଟି ରଙ୍ଗିନ କ୍ରିସ୍‌ମସ୍ ବବଲ୍ ଝୁଲାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଦାଢ଼ିରେ ଏହି କ୍ରିସ୍‌ମସ୍ ବବଲ୍‌ଗୁଡ଼ିକୁ ଝୁଲାଇବା ଲାଗି ତାଙ୍କୁ ଅଢ଼େଇ ଘଣ୍ଟା ସମୟ ଲାଗିଥିଲା। ପରେ ଏସବୁ ଦାଢ଼ିରୁ ବାହାର କରିବା ଲାଗି ତାଙ୍କୁ ଏକ ଘଣ୍ଟା ଲାଗିଲା। ଦାଢ଼ିକୁ



ସଜାଇବା ଓ ପୁଣି ସେସବୁକୁ ବାହାର କରିବା ସମୟରେ ତାଙ୍କୁ ବହୁତ କଷ୍ଟ ହେଉଥିଲା। ଯେବେ ସବୁ ବବଲ୍‌ଗୁଡ଼ିକ ଦାଢ଼ିରେ ଝୁଲି ରହୁଥିଲା ଦାଢ଼ି ଟାଣି ହୋଇ ବେଶ କଷ୍ଟ ହେଉଥିଲା। କାରଣ ସେଥିରେ ସ୍ପ୍ରିଙ୍ଗ ଲାଗିଥାଏ। ଫଳରେ ତାହା ଦାଢ଼ିରେ ଛନ୍ଦି ହୋଇଯାଏ। ସେଗୁଡ଼ିକୁ ବାହାର କଲାବେଳେ ତ ଅନେକ ଦାଢ଼ି ଟାଣି ହୋଇ ଛିଣ୍ଡିଯାଏ। ଏତେ କଷ୍ଟ ସତ୍ତ୍ୱେ ବି ରେକର୍ଡ କରିବାର ନିଶାରେ ସେ ଏହି ପ୍ରକ୍ରିୟାକୁ ହସି ହସି କରୁଥିଲେ।

ବ୍ୟାକ୍ ପେଜ୍



# କାର୍ ମଡ଼େଲ ସାଜିଛି ବିଲେଇ

ମଡେଲମାନେ ର୍‌ୟାମ୍ପରେ ଚାଲିବାବେଳେ ତାକୁ କ୍ୟାଟ ୱାକ କୁହାଯାଏ। ହେଲେ କେବେ ସତସତିକା ବିଲେଇ କ୍ୟାଟୱାକ୍ କରୁଥିବା ଦେଖିଛନ୍ତି? ଅର୍ଥାତ୍ ବିଲେଇ ମଡେଲିଂ କରୁଥିବା କଥା ଜାଣିଛନ୍ତି? ହଁ ବିଲେଇ ବି ମଡେଲିଂ କରୁଛନ୍ତି। ସେମିତି ଏକ ବିଲେଇ ମଡେଲ ଚାଇନାରେ ଅଛି, ଯାହାର ନାଁ ହେଛି ମାଓ ମାଓ। ଏହି ସୁନ୍ଦର ଗୋଲ ମଟୋଲ ଧଳା ବିଲେଇଟି ଏକ ପେସାଦାର ମଡେଲ। ଗୋଟେ ମଡେଲିଂ ପ୍ରୋଜେକ୍ଟରେ ସେ ୧୫୫୦ ଡଲାର ପାଉଣା ପାଏ। ତେବେ ମାଓ ମାଓ ମଡ଼େଲ ହେବା ଯୋଜନାବଦ୍ଧ ନ ଥିଲା। ଏକ ଘଟଣା ତାକୁ ମଡେଲ ସଜେଇ ଦେଲା। ମାଓ ମାଓର ମାଲିକ ଝେଙ୍ଗ ଏକ ଅଟୋମୋଟିଭଇଣ୍ଡଷ୍ଟ୍ରିରେ କାମ କରନ୍ତି। ଥରେ ଏକ ଅଟୋ ଶୋ'ରେ ସେ ମାଓ ମାଓକୁ ଏକ କାର୍ ଉପରେ ବସାଇଥାନ୍ତି। ମାଓ ମାଓ ସୁନ୍ଦରଭାବେ ସଜାଇ ହୋଇଥାଏ। ଲୋକଙ୍କ ନଜର ମାଓ ମାଓ ଉପରେ ପଡ଼ିଲା। ଆଉ ଗହଳି ବଢ଼ିଗଲା। ଲୋକେ ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କଲେ। ଏମିତିରେ କାର୍‌ର ପବ୍ଲିସିଟି ବି ହେଇଗଲା। ଏହାପରେ ଝାଙ୍ଗ ମାଓ ମାଓକୁ କାର୍ ମଡେଲଭାବେ ପ୍ରମୋଟ କଲେ। ଏବେ ତ ସେ ପେସାଦାର କାର୍ ମଡେଲ ପାଲଟିଗଲାଣି। ତେଣୁ କାର୍ ଲଞ୍ଚ ହେଉ ଅବା କାର୍ ଶୋ'ରେ ମାଓ ମାଓ ଖୋଜା ପଡୁଛି।





# ରାତ୍ରିଚର ମାଙ୍କଡ଼

ପେଚା ରାତ୍ରିଚର ବୋଲି ସମସ୍ତେ ଜାଣନ୍ତି। ଅନ୍ଧାର ରାତିରେ ସେ ତା'ର ବଡ଼ ବଡ଼ ଗୋଲ ଗୋଲ ଆଖିରେ ଚାହିଁ ରହେ। ତେବେ ଜାଣନ୍ତିକି ଏମିତି ବି ଏକ ମାଙ୍କଡ଼ ଅଛି ଯେକି ରାତ୍ରିଚର। ଏହି ମାଙ୍କଡ଼ ନାଇଟ୍ ମଙ୍କିଭାବେ ବେଶ ପରିଚିତ। ଏହି ମାଙ୍କଡ଼ ପେଚା ପରି ରାତିରେ ଉଜାଗର ରହେ ଓ ଦିନରେ ଶୋଇଥାଏ। ଏମାନଙ୍କ ଆଖି ବଡ଼ ଓ ବାଦାମୀ କିମ୍ବା ନାରଙ୍ଗୀ ରଙ୍ଗର ହୋଇଥାଏ। ଏହି ଆଖି ହିଁ ତାଙ୍କୁ ଅନ୍ଧାରରେ ଭଲରେ ଦେଖିବାକୁ ସାହାଯ୍ୟ କରେ। ଏଭଳି ବଡ଼ ଆଖି ଲାଗି ତାଙ୍କୁ ଅନେକେ ପେଚା ମାଙ୍କଡ଼ ବୋଲି ବି କୁହନ୍ତି। ଏମାନେ ହେଉଛନ୍ତି ଏକମାତ୍ର ମାଙ୍କଡ଼ ପ୍ରଜାତି ଯେଉଁମାନେ କି ରାତ୍ରିଚର। ଦିନରେ ଏହି ମାଙ୍କଡ଼ମାନେ ଗଛ ଡାଳରେ ଆରାମ କରନ୍ତି, ଖରା ପାଆନ୍ତି ଏବଂ ଶୁଅନ୍ତି। ରାତିରେ ଫଳ, କୀଟପତଙ୍ଗ ଓ ଅନ୍ୟ ଛୋଟ ପ୍ରାଣୀଖାଇବା ଲାଗି ବାହାରନ୍ତି। ଆମେରିକାର ବଲିଭିଆ, ଆର୍ଜେଣ୍ଟିନା, ଉରୁଗୁଏ ଆଦି ସ୍ଥାନରେ ଏହି ମାଙ୍କଡ଼ ଦେଖିବାକୁ ମିଳନ୍ତି। ଆକାରରେ ଛୋଟ ଏହି ମାଙ୍କଡ଼ଙ୍କ ଜୀବନକାଳ ୧୩-୨୦ ବର୍ଷ ହୋଇଥାଏ।